ଆହ୍ୱାନ
ଓଡିଶାର ପ୍ରଥମ ସଂପୂର୍ଣ୍ଣ ନିଜସ୍ୱ ମାସିକ ସାହିତ୍ୟ ଇ-ପତ୍ରିକା
ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ
Volume 1, Issue: 5
June 2006

# ଏହି ସଂସ୍କରଣରେ ରହିଛି:


| | |
|---|---|
| ସଂପାଦକୀୟ | ୨ |
| ବଡବାବ | ୩ |
| ବାଣୀଚିତ୍ର ଉତ୍ସବ | ୪ |
| ଝଞ୍ଜା | ୬ |
| ବ୍ୟତିକ୍ରମ | ୯ |
| ସ୍ମୃତି ସୂର୍ଯ୍ୟମୁଖୀର | ୯ |
| ଖରାବେଳର ଗପ | ୧୦ |
| ଶୀତ ଆସିଛି | ୧୧ |
| ଶିଳ୍ପୀ ଗୁରୁ ବିମ୍ବାଧର ବର୍ମା | ୧୧ |
| ଧେତ୍ ତେରୀ | ୧୨ |
| ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ | ୧୩ |
| ବୋଉ | ୧୬ |
| ଜାତୀୟ ସଂହତି | ୧୭ |
| ହସ ନିଅ ହସ | ୧୭ |
| ବଡ ଦେଉଳର ପାରା | ୨୧ |
| ତୁମେ ଚାଲିଯିବା ପରେ | ୨୨ |
| ଜଳିଲେ ପେଟ ହୁଏ କି ପାଠ | ୨୨ |
| ଅତିକ୍ରମଣ | ୨୩ |
| ଫୋନିକସ୍ | ୨୩ |
| ତୁମେ | ୨୪ |
| ନିର୍ଯ୍ୟାସ | ୨୪ |
| ସମୟ | ୨୪ |
| ପ୍ରଶ୍ନୋତ୍ତରୀ | ୨୫ |
| ଏ ମାସର ପ୍ରଶ୍ନ | ୨୬ |


E-Mail: dr.odia@gmail.com
Web site: http://www.freewebs.com/aahwaan
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆମ୍ବପୂଆ ମେଇନ୍ ରୋଡ, ବ୍ରହ୍ମପୁର, ୭୬୦୦୧୦, ଓଡିଶା

# ଆହ୍ୱାନ

Volume 1, Issue 5,
June, 2006


## ସଂପାଦକୀୟ

ବିଗତ ଏକ ମାସ ଓଡିଆ ତଥା ଓଡିଶା ରାଜନୈତିକ ଦୃଷ୍ଟିରୁ କିଞ୍ଚିତ୍ ଶାନ୍ତି ପୂର୍ଣ୍ଣ ଥିଲା। ଖରାଛୁଟି ପାଇଁ ଅଧିକାଂଶ କାର୍ଯ୍ୟାଳୟ ଛୁଟି ହୋଇଥିବା ବେଳେ, ସହର ତଥା ଗ୍ରାମାଞ୍ଚଳରେ ଦୁରଦର୍ଶନର ବହୁଳ ପ୍ରଭାବ ଲୋକ ମାନଙ୍କୁ ଘର ଭିତରେ ବାନ୍ଧି ରଖିବାରେ ସଫଳ ହୋଇଥିଲା। ଯଦ୍ୟପି ଏହି ମାସରେ ଓଡିଶାର ପାଣିପାଗ ବିଗତ ଅନେକ ବର୍ଷ ଅପେକ୍ଷା ବହୁତ ଭଲ ଥିଲା। ଅଧିକାଂଶ ଦିନରେ ପାଗ ଶୁଖିଲା ସାଙ୍ଗକୁ ମେଘୁଆ ହୋଇ ଛାଇର ଆନନ୍ଦ ଦେଇଥିଲା। ସେହି ପରି ଅଧିକାଂଶ ସ୍ଥାନରେ ବର୍ଷା ହେବାଯୋଗୁଁ ଲୋକମାନଙ୍କ ମନରେ ଆନନ୍ଦ ଖେଳି ଯାଇଥିଲା। ଚଷାକୂଳ ଏବର୍ଷ ଉତ୍ତମ ଶସ୍ୟର ଆଶା କରୁଥିବା ବେଳେ, ବିଶେଷଜ୍ଞମାନେ ଚଳିତ ମାସରେ ଓଡିଶାରେ ମୌସୁମୀ ବାୟୁ ଶୀଘ୍ର ପହଞ୍ଚିବ ଏବଂ ଏହା ଦ୍ୱାରା ଓଡିଶାର ଚାଷୀମାନେ ବିଶେଷ ଉପକୃତ ହେବେ ବୋଲି ଭବିଷ୍ୟବାଣୀ ବି କରିସାରିଲେଣି।

ବିଗତ ଏକ ମାସ ଓଡିଶା ରାଜନୀତି ସ୍ଥାଣୁ ପ୍ରାୟ ରହିଥିଲା। ଯଦ୍ୟପି ସଂରକ୍ଷଣର ହାୱା ଓଡିଶାର ତିନୋଟି ମୂଖ୍ୟ ମେଡିକାଲ କଲେଜ ଏବଂ ଅନେକ ସହରରେ ବ୍ୟାପୀଥିଲା ତଥାପି ଏହା କେନ୍ଦ୍ର ସରକାରଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ରାଜ୍ୟ ସରକାର କୌଣସି ହସ୍ତକ୍ଷେପ କରିନଥିଲେ। ଯଦ୍ୟପି ରାଜ୍ୟବ୍ୟାପୀ ଡାକ୍ତରୀ ଛାତ୍ର ସମେତ ଡାକ୍ତର ମାନଙ୍କ କାର୍ଯ୍ୟବନ୍ଦ ଡାକରା ଯୋଗୁଁ ରୋଗୀ ସେବା କ୍ଷେତ୍ରରେ ଅନେକ ଅସୁବିଧା ଉପୁଜି ଥିଲା, କିନ୍ତୁ ଏହି ଧର୍ମଘଟ ଦ୍ୱାରା ରୋଗୀମାନଙ୍କୁ ଅସୁବିଧା ନ ଦେବା ଲାଗି ଓଡିଶାରେ ଡାକ୍ତର ମାନେ ଆଂଶିକ ଭାବେ କାର୍ଯ୍ୟବନ୍ଦ କରିଥିଲେ।

ଏହି ମାସରେ ଓଡିଆ ସିନେମା ଜଗତ ପାଇଁ ଦୁଇ ଦୁଇଟି ପୁରସ୍କାର ବିତରଣୀ ଉତ୍ସବର ଆୟୋଜନ ହୋଇଥିଲା, ରାଜଧାନୀ ଭୁବନେଶ୍ୱରରେ। ଆମର ଏହି ସଂଖ୍ୟାରେ ଆମେ ଏହି ଦୁଇ ପୁରସ୍କାର ଉତ୍ସବର ବିବରଣୀ ପ୍ରସ୍ତୁତ କରୁଛୁ। ଏଥର ଆହ୍ୱାନ ପତ୍ରିକାରେ ପ୍ରକାଶିତ ଅନେକ କୃତି ଓଡିଶାରେ ପ୍ରସାରିତ ଅନେକ ସମ୍ବାଦପତ୍ରରୁ ଉଦ୍ଧୃତ। ଅବଶ୍ୟ ଯେଉଁ ଲେଖାମାନ ଆମକୁ ଭଲ ଲାଗିଛି ସେ ସବୁକୁ ହିଁ ଆମେ ଏଥିରେ ସ୍ଥାନ ଦେବାକୁ ଚେଷ୍ଟା କରିଛୁ। ଅନେକ ଲେଖକ ଓ ଲେଖିକା ଆମ ନିକଟକୁ ନିଜସ୍ୱ ଲେଖା ପ୍ରେରଣା କରିଥିଲେ ମଧ୍ୟ ସେମାନଙ୍କ ଲେଖାର ମାନ ଓ ବିଶିଷ୍ଟତାକୁ ଧ୍ୟାନରେ ରଖି କିଛି ଅଳ୍ପ ଲେଖା ହିଁ ପ୍ରକାଶ କରିଛୁ, ଯେଉଁ ବନ୍ଧୁମାନଙ୍କ ଲେଖା ଏହି ପତ୍ରିକାରେ ପ୍ରକାଶ ପାଇଛି ସେମାନଙ୍କୁ ଆମେ ପ୍ରଶଂସା ପତ୍ର ଦ୍ୱାରା ସମ୍ମାନିତ କରିବୁ ବୋଲି ନିଷ୍ପତ୍ତି ନେଇଛୁ। ଏହି ପରିପ୍ରେକ୍ଷୀରେ ଆମର ପତ୍ରିକାରେ ଅଦ୍ୟବଧୀ ପ୍ରକାଶିତ ଅନେକ ଲେଖାର ଲେଖକ ମାନଙ୍କୁ ମାନପତ୍ର ପ୍ରଦାନ କରାଯିବା ବ୍ୟବସ୍ଥା କରିଛୁ। ଯେଉଁ ବନ୍ଧୁ ଏହି ପ୍ରଶଂସା ପତ୍ର ପାଇବାକୁ ଇଚ୍ଛୁକ ସେ ନିଜ ଇ-ମେଲ୍ ଠିକ୍ଣା ଲେଖି ଆମନିକଟକୁ ପଠାନ୍ତୁ।

ଏହି ସଂଖ୍ୟାରେ ଆମେ ସ୍ଥାନଦେଇଛୁ, ଓଡିଶା ସାହିତ୍ୟ ଜଗତର କିଞ୍ଚିତ୍ ବରେଣ୍ୟ ଲେଖକଙ୍କ କୃତିକୁ। ଏହି ସବୁ ଲେଖା ଆମେ ସଂଗ୍ରହ କରିଥିଲୁ, ବ୍ରହ୍ମପୁର ଓଡିଶାରେ ରହୁଥିବା ବିଶିଷ୍ଟ ଚିତ୍ରକର ଶ୍ରୀ ବସନ୍ତ ପଟନାୟକ ଙ୍କ କାହାଣୀ ସଂଗ୍ରହ 'ଲେଖା'ରୁ।

ଆସନ୍ତା ସଂଖ୍ୟାରେ ଆମେ ପ୍ରକାଶ କରିବୁ, ଚିତ୍ରକର ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆଙ୍କ ପୁସ୍ତକ 'ଲୁସିଆ ରାଣୀ, ଅଜଣା ଫୁଲର ମହକ। ଏଥରର ସଂଖ୍ୟାରେ ରହିଛି ଧାରାବାହିକ କାହାଣୀ ସମୟ, ଲଘୁ କଥା 'ବଡବାବୁ', ବାଣୀଚିତ୍ରର ଓଡିଆ ଚଳଚ୍ଚିତ୍ରର ୭୦ତମ ବର୍ଷପୂର୍ତ୍ତି ଉତ୍ସବ, କ୍ଷୁଦ୍ରଗଳ୍ପ 'ଝଞ୍ଜା', ଓଡିଆ ସାହିତ୍ୟର ଅତୀତର କିଛି ମୁକ୍ତା, 'ମୁଁ ଏକ ବ୍ୟତୀକ୍ରମ', ସ୍ମୃତି ସୂର୍ଯ୍ୟମୁଖୀର', 'ଖରାବେଳର ଗପ', 'ଶୀତ ଆସିଛି', ଶିଳ୍ପୀ ଗୁରୁ ବିମ୍ବାଧର ବର୍ମା', 'ପାହାଡ କଥା କହିଲା', 'ଧେତ୍ ତେରୀ', ସପ୍ତଦଶ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ, କବିତା, 'ବୋଉ', 'ଜାତୀୟ ସଂହତି', ବିଶେଷ ଲେଖା 'ହସ ନିଅ ହସ' ଏବଂ କ୍ଷୁଦ୍ର କବିତାର ଗୁଚ୍ଛ। ଆଶା କରୁଛି ବିଗତ ଅନେକ ସଂସ୍କରଣ ପରି ଏହି ସଂଖ୍ୟାଟି ମଧ୍ୟ ଆପଣମାନଙ୍କୁ ଭଲ ଲାଗିବ।

ଶେଷରେ ଏକ ବିଶେଷ ଅନୁରୋଧ। ଆପଣ ମାନେ ଯଦି ଚାହୁଁଛନ୍ତି ଏଥିରେ ଆପଣଙ୍କ ଦ୍ୱାରା ଲିଖିତ କିଛି କ୍ଷୁଦ୍ର ଗଳ୍ପ କିମ୍ବା କବିତା ସ୍ଥାନ ପାଉ, ତାହେଲେ ଆଜି ହିଁ ଆମ ନିକଟକୁ ଲେଖି ପଠାନ୍ତୁ। ଆମ ଠିକଣା ଏହି ପୁସ୍ତିକାରେ ପ୍ରଥମ ଓ ଶେଷ ପୃଷ୍ଠାରେ ମିଳିବ। ଧନ୍ୟବାଦ।


**ଆମ ଠିକଣା:-**

**ଡା ଜ୍ୟୋତି ପ୍ରସାଦ ପଟନାୟକ**
**ଆମ୍ବପୁଆ ମେଇନ୍ ରୋଡ୍**
**ବ୍ରହ୍ମପୁର-୭୬୦୦୧୦, ଓଡିଶା**
**ଫୋନ୍: ୯୨୩୮୭୮୫୬୯୮**

e-Mail:
dr.odia@gmail.com



**ଆହ୍ୱାନ**

# ବଡବାବୁ

ବଡବାବୁ ଗାଡିକୁ ସହରର ଏହି ମଧ୍ୟବିତ୍ତ ହୋଟେଲ୍ ସାମନାରେ ଅଟକାଇଲେ, କହିଲେ ଚାଲ ଆଜି ଏଇଠି ଭୋଜନ କରିବା। ଦୀନବନ୍ଧୁ ଗାଡିରୁ ଓହ୍ଲାଇବାବେଳେ ବାବୁଙ୍କୁ ଥରେ ଆଉ ହୋଟେଲ୍‌କୁ ଥରେ ଚାହିଁଲା। ଏମିତି କେତେ ବଡବାବୁ ଆସିଛନ୍ତି ଯାଇଛନ୍ତି, ସମସ୍ତେ ଏଇ ହୋଟେଲ୍‌ରେ ଖାଆନ୍ତି, ଆଉ ବିଲ୍ ଦିଏ ଦୀନବନ୍ଧୁ। କଣ କରିବ? ଗରିବଘରେ ଜନ୍ମ ନେବାର ପାପ ସେ କରିଛି। ବାପାମା' ଯେଉଁ ଦିନଠାରୁ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ସେହି ଦିନଠାରୁ ବାପାଙ୍କର ଚାକିରୀ ଖଣ୍ଡିକ ପାଇବା ଆଶାରେ ହିଁ ସେ ଦପ୍ତରବାହାରେ ଯେମିତି ଘର କରିସାରିଛି। ଚାରିବର୍ଷରେ ଛ'ଜଣ ବଡବାବୁ ଆସିଛନ୍ତି ଯାଇଛନ୍ତି, କିନ୍ତୁ କେହି ବି ତାକୁ ସାହାଯ୍ୟ କରିନାହାନ୍ତି। ସମସ୍ତେ ଚାକିରୀ କରାଇଦେବାର ପ୍ରଲୋଭନ ଦେଇଛନ୍ତି, ଅଥଚ ସେ ଅପେକ୍ଷା କରିଛି। ଏଇଥିପାଇଁ ସେ ଅଜସ୍ର ଧନ ଖର୍ଚ୍ଚ କରିଛି ଅଥଚ ଫଳ ନିରୁତ୍ସାହ କରିଛି।



ଆଜି ବି ସେଇୟା ହେବ, କିନ୍ତୁ କିଏ ଜାଣେ ଭାଗ୍ୟ ଦେବୀ କେଉଁ ମୁହୂର୍ତ୍ତରେ ପ୍ରସନ୍ନ ହେବେ? ବଡବାବୁଙ୍କ ପଛେ ପଛେ ସେ ବି ହୋଟେଲ୍‌କୁ ଗଲା। ଖାଇବା ପାଇଁ ବଡବାବୁ ମାଛ ପାଇଁ କହିଲେ। ସେ କିଛି କହିପାରିଲା ନାହିଁ। ଶନିବାର କହି ନିରାମିଷ ଭୋଜନ ମାଗିଲି। ପକେଟରେ ହାତ ମାରିଲା, ସକାଳୁ ଘରୁ ବାହାରି ଆସିଲା ବେଳେ କୁଲୁବୋଉ, ମାନେ ତା ସ୍ତ୍ରୀ ତାକୁ ଦେଇଥିବା ୧୦୦ ଟଙ୍କା ବାହାର କରିଲା। ସେ ଜାଣିପାରିଲା, ସେଇ ଟଙ୍କାଟି ଆଉ ତା'ର ହୋଇ ରହିବନି। ସବୁଦିନ ପରି ବଡବାବୁ ଖାଇବେ, ହାତ ଧୋଇ ହୋଟେଲ୍‌ରୁ ବାହାରିଯିବେ, ପଛରେ ତା'କୁ ହିଁ ଦେବାକୁ ହେବ। ସେଇ ଚିନ୍ତାରେ ସେ କିଛି ଖାଇପାରୁନଥିଲା। ତେଣେ ଘରେ ଗୋଟିଏ ପୁଅ ଟିକେ ଆମିଷ ଖାଇବା ପାଇଁ ବିକଳ ହେଉଛି, ଏଣେ ବାବୁମାନେ ତା' ପଇସାରେ ମାଛ ମାଂସ ଭକ୍ଷଣ କରୁଛନ୍ତି, ଅଥଚ ସେ କିଛି କହିପାରୁନି। ଭାବୁଛି, ଯାଉ ସବୁ ମୋହ ମାୟା ପଛରେ ଥାଉ ମୋ ପୁଅକୁ ମୁଠାଏ ଖାଇବାକୁ ଦେଇପାରୁନି, କେଉଁ କାମର ମୁଁ।

ଅନେକ ଥର ମନେ ମନେ ସ୍ଥିର କରିଛି, ଯେ ସେ ଆଉ ଏଇ ବଡବଡିଆଙ୍କ ପଛରେ ପଡିବ ନାହିଁ, ଭୁଲିଯିବ ଯେ ତା' ବାପା ସରକାରୀ କର୍ମଚାରୀ ଥିଲା, ଆଉ ମଧ୍ୟ ଭୁଲିଯିବ ଯେ, ତା' ବାପା ଛାଡି ଯାଇଥିବା ସରକାରୀ କାମ ସେ କରିବ। କିନ୍ତୁ ପୁଣି, ଘରର ଅଭାବ ଅବସ୍ଥା ଦେଖି ସେ ବାଧ୍ୟ ହେଉଛି, ଏମିତି ବଡବାବୁମାନଙ୍କ ପଛରେ ପଡିବାକୁ। ବଡବାବୁ ଖାଇସାରି ମେନେଜର ଟେବୁଲ୍ ପାଖରୁ ପାନମହୁରୀ ଟିକେ ଚିନିଟିକେ ହାତରେ ଧରି ବିଲ୍ କେତେହେଲା ବୋଲି ପଚାରିଲେ। ହୋଟେଲ୍‌ର ବୟ୍ ଆସି କହିଲା, "୪୨ଟଙ୍କା"। ଦୀନବନ୍ଧୁ ଆଗକୁ ଯାଇ ପକେଟରୁ ଶହେ ଟଙ୍କିଆ ନୋଟ୍‌ଟି ବାହାର କରି ଆଗକୁ ବଢାଇଦେଲା। ଏତିକି ବେଳେ ବଡବାବୁ ତା' ହାତକୁ ଧରିପକାଇ କହିଲେ, "ତୁମେ ରଖ, ମୁଁ ଦେଉଛି।" ତଥାପି ସେ ଦେବାକୁ ଚାହିଁବାରୁ ବଡବାବୁ ତା ଶହେ ଟଙ୍କିଆ ଟା ତା ପକେଟରେ ରଖିଦେଲେ ଆଉ ନିଜ ପକେଟରୁ ବାହାରି କରି ବିଲ୍ ଦେଇଦେଲେ।

ଦୀନବନ୍ଧୁ ଜମା ବିଶ୍ୱାସ କରିପାରିଲା ନି। ଚାରିବର୍ଷରେ ପ୍ରଥମ ବଡବାବୁ ଯିଏ ନିଜ ପକେଟରୁ ବାହାର କରି ପଇସା ଦେଲେ!!!! ସେ ବହୁତ ଖୁସି ହେଲା। ତା ମନରେ ଉଙ୍କି ଥିବା ଅନେକ ପ୍ରଶ୍ନ ଏବେ ଧିରେ ଧିରେ ହାଲକା ହେଲା ପରି ଲାଗିଲା। ସେ ମନେ ମନେ ଚିନ୍ତା କରୁଥିଲା କେମିତି ଶୀଘ୍ର ଘରକୁ ଯିବ ଆଉ ଗଲାବେଳେ ବାଟରୁ ପୁଅ ଓ ସ୍ତ୍ରୀ ପାଇଁ ଚିକେନ୍ ତରକାରୀ କିଣିନେବ। ଆଉ ସ୍ତ୍ରୀକୁ କହିବ ସେ କେତେ ଭଲ ବଡବାବୁ ପାଇଛି। ଏତିକି ବେଳେ ଗାଡି ବାବୁଙ୍କ କ୍ୱାର୍ଟର ସାମନାରେ ପହଞ୍ଚିଲା। ସେ ଗାଡିରୁ ବାହାରି ବାବୁଙ୍କ ପଛେ ପଛେ ଚାଲିଲା। ବାବୁ ପଚାରିଲେ, "କଣ ହେଲା ଦୀନବନ୍ଧୁ?" ସେ ବିକଳ ହୋଇ ବାବୁଙ୍କୁ ଦେଖିଲା।"କହିଲି ପରା, ତୁମ କଥା ବୁଝିବା, ଦେଖିବା ଆମ ଦେଇ କଣ ହେଉଛି।"

"ସାର ଆପଣ ଚାହିଁଲେ ସବୁ ସମ୍ଭବ ହେବ।" ସେ କହିଲା, "ମୋତେ ଆପଣଙ୍କ ଉପରେ ପୁରା ବିଶ୍ୱାସ ଅଛି ଆଜ୍ଞା। ମୋ କାଗଜଟା ଆପଣଙ୍କ ଟେବୁଲ୍ ଉପରେ ଅଛି, ଯଦି ଆପଣ ସେହି କାଗଜଟି ରାଜଧାନୀ ପଠାଇ ଦିଅନ୍ତି, ତା'ହେଲେ ମୋ ସ୍ତ୍ରୀ ପିଲା ଆପଣଙ୍କୁ ଅନେକ ଆଶୀର୍ବାଦ ଦେଇଥାନ୍ତେ।"

"ହେଉ ଦେଖିବା କଣ ହେଉଛି। ତୁମେ ସୋମବାର ଦିନ ଆସ" କହି ବଡବାବୁ ଘର ଭିତରକୁ ଚାଲିଗଲେ। ଦୀନବନ୍ଧୁ ବଡବଡ ପାଦପକାଇ ଘରେ ପହଞ୍ଚିଲା। ପୁଅପାଇଁ କିଣିଥିବା ଚିକେନ୍ ତରକାରୀ ଦେଲା। ପୁଅ ବସି ଶାନ୍ତିରେ ଆଉ ବହୁତ ଖୁସିରେ ଖାଇବା ବେଳେ ତା' ମା'କୁ କହିଲା ବଡବାବୁଙ୍କ କଥା। ଦି ପ୍ରାଣୀ ମିଶି ବଡବାବୁ ଙ୍କ କୋଟି ପରମାୟୁ ପାଇଁ ପ୍ରାର୍ଥନା କଲେ।

ସୋମବାର ସକାଳ ସେ ଶିବ ଦେବାଳୟରେ ପୂଜା ସାରି ପୁଣି ବାହାରିଗଲା,





ଅଫିସ ବାହାରେ ଠିଆ ହୋଇ ଗ୍ରାହକ ଯୋଗାଡ କରିବ ଆଉ ନିଜ ଚାକିରୀକଥା ବୁଝିବା ପାଇଁ। ବଡବାବୁଙ୍କ ଟେବୁଲ ସଫା କରି ସେ ବାହାରେ ଅପେକ୍ଷା କରି ରହିଲା। ଠିକ ସମୟରେ ବାବୁ ଆସିଲେ, ବାବୁଙ୍କ ପଛେ ପଛେ ସେ ଅଫିସ ଭିତରକୁ ପଶିଲା। "ସାର୍ ,ଆଜି ଯଦି ମୋ କାମଟା କରିଦିଅନ୍ତେ, ହୋତାବାବୁଙ୍କ ହାତରେ କାଗଜଟା ରାଜଧାନୀ ପଠେଇ ଦିଅନ୍ତି। ମୋ ଚାକିରୀ ଖଣ୍ଡିକ ହୋଇଗଲେ ଆମ ପୁରା ପରିବାର ବଞ୍ଚିଯିବ ଆଜ୍ଞା। ଆପଣଙ୍କ ପିଲା ମାନେ ବଡଲୋକ ହେବେ ଆଜ୍ଞା, ଆପଣଙ୍କ ଯଶକୀର୍ତ୍ତି ବଢୁ ବୋଲି ମନ୍ଦିରରେ ଫୁଲ ଚଢେଇ ଆସିଛି।" ସେ ଅନୁନୟ ହୋଇ କହିଲା।

"ସେ କଥା ସତ ଦୀନବନ୍ଧୁ, କିନ୍ତୁ ଯଦି ଖାଲି ଫୁଲ ଚଢେଇଲେ ସବୁ ହେଉଥାଆନ୍ତା, ତା'ହେଲେ ଆମର ଆଉ ଆବଶ୍ୟକତା କେଉଁଠି ଥାଆନ୍ତା। ଆଉ ତୁମ କାମ ଏତେ ବର୍ଷ ରହିଥାନ୍ତା କି?" ବାବୁ କହିଲେ।

"ସତ କଥା ଆଜ୍ଞା।" ସେ କହିଲା।" ବାପା ଚାରିବର୍ଷ ହେଲା ଆରପାରିକୁ ଗଲେ ଯେ ଆଉ ବଞ୍ଚିବାକୁ ରାହା ନଥିଲା। ଚାକିରୀ ଖଣ୍ଡିକ ଆଶାରେ ଚାରିବର୍ଷ ହେଲା ଏଇ ଅଫିସ ପିଣ୍ଡାରେ ବସିଛି। ଆପଣଙ୍କୁ ଦେଖି ମନରେ ଆଶା ବାନ୍ଧିଛି। କେତେ ଅଫିସର ଆସିଛନ୍ତି ଯାଇଛନ୍ତି, କିନ୍ତୁ କେହି ବି ଆପଣଙ୍କ ପରି ନଥିଲେ। ଆଜ୍ଞା ଆପଣ ଚାହିଁଲେ ସବୁ ହେବ ଆଜ୍ଞା। ମୋ ଦୁଃଖ ଦୁର ହେବ। ମୋ ସ୍ତ୍ରୀପିଲା ଆପଣଙ୍କୁ କୋଟି ଆଶୀର୍ବାଦ ଦେବେ।"

ବଡବାବୁ ହସିଲେ ଆଉ କହିଲେ, "ସେ ସବୁ ଠିକ ଅଛି କିନ୍ତୁ ତୁମେ ଜାଣ ମୋ ଉପରେ ବି ଅନେକ ଅଛନ୍ତି, ସେ ମାନେ ବି ତ ତୁମ କଥା ବୁଝିବା ଦରକାର। ତୁମେ ଖାଲି ଚାଳିଶି ହଜାର ଟଙ୍କା ଯୋଗାଡ କରିଦିଅ, ମୁଁ ନିଜେ ଭୁବନେଶ୍ୱର ଯାଇ ତୁମ କାମ କରି ନେଇଆସିବି। ଆଉ ସପ୍ତାହେ ଭିତରେ ତୁମେ ଅଫିସ ଅର୍ଡର ବି ପାଇଯିବ।"

ଦୀନବନ୍ଧୁର ମୁଣ୍ଡଟି ପୁଣି ଘୁରାଇଦେଲା। ସେ ବଡବାବୁଙ୍କୁ ଦେଖୁଥିଲା, ପାନଖିଆ ପାଟିରେ ସେ ବିକୃତ ରାକ୍ଷସ ପରି ଦେଖାଯାଉଥିଲେ। ସେ ମୁଣ୍ଡ ଅଣ୍ଡାଳି ଅଣ୍ଡାଳି



କୋଠରୀ ଭିତରୁ ବାହାରି ଆସୁଥିଲା। ବାହାରେ ଆଉ କିଛି କାମ କରିବାକୁ ମନ କରୁନଥିଲା। ସେ ଘରକୁ କେମିତି ଫେରିବ ଭାବୁଥିଲା। ଘରେ ତା ସ୍ତ୍ରୀ କେତେ ଆଶାନେଇ ଅପେକ୍ଷା କରିଥିବ, ତା'କୁ କେମିତି ମୁହଁ ଦେଖାଇବ ଭାବୁଥିଲା। ମୁଣ୍ଡ ଘୁରିଯାଉଥିଲା। ଅଫିସ ବାରଣ୍ଡାରେ ଶୋଇଗଲା। ଦୋପହରକୁ ଯେତେବେଳେ ବଡବାବୁ ବାହାରିଲେ ଘରକୁ ଯିବା ପାଇଁ, ଡ୍ରାଇଭର କହୁଥିଲା, "ଆଜ୍ଞା ଦୀନବନ୍ଧୁଟା ଶୋଇପଡିଛି, ତା'କୁ ଡାକି ଦେଉଛି।" ଆଉ ବାବୁ କହୁଥିଲେ, "ଶୋଇଥାଉ, ସିଏ କେବେବି ଉଠିପାରିବନି। ଖାଲି ମନ୍ଦିରରେ ଦୀପଲଗାଇ ଭାବୁଛି, ସବୁ ପାଇଯିବ, ଆଉ ଆମେ ସବୁକଣ ମାଗଣାରେ ପାଠ ପଢ଼ିଥିଲୁ ନା ଚାକିରୀ ପାଇଥିଲୁ।" ସେ ହସି ହସି ଚାଲିଗଲେ।

# ବାଣୀଚିତ୍ରର

## ଓଡିଆ ଚଳଚ୍ଚିତ୍ର ୭୦ତମ ବର୍ଷପୂର୍ତ୍ତି ପାଳନ ଉତ୍ସବ

ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଂସ୍କୃତିର ପୂରାତନ ମାସିକ ପତ୍ରିକା, "ବାଣୀଚିତ୍ର" ଆନୁକୁଲ୍ୟରେ ଓଡିଆ ଚଳଚ୍ଚିତ୍ରର ୭୦ତମ ବର୍ଷପୂର୍ତ୍ତି ପାଳନ ଉତ୍ସବ ଗତ ମଇ ମାସ ୧୪ ତାରିଖ ସଂଧ୍ୟା ଛ' ଘଣ୍ଟା ସମୟରେ ଭୁବନେଶ୍ୱର ସ୍ଥିତ ସଂଗୀତ ମହାବିଦ୍ୟାଳୟ ପ୍ରାଙ୍ଗଣର ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ୩୦୦୦ ରୁ ଉର୍ଦ୍ଧ୍ୱ ଦର୍ଶକଙ୍କ



ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶାର ଚଳଚ୍ଚିତ୍ର ଜଗତ ସହ ସଂପୃକ୍ତ ବିଭିନ୍ନ ବର୍ଗର ପୁରାତନ ଓ ନବାଗତ ପ୍ରତିଭା ସଂପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏବଂ ବହୁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭୦ ବର୍ଷର ଓଡିଆ ଚଳଚ୍ଚିତ୍ରର ଉତ୍‌ଥାନ ପତ୍ତନ କୁ ନେଇ ଏକ ବୃତ୍ତଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରଥମ ଥର ପାଇଁ ପ୍ରଦତ୍ତ ଜଣେ ସର୍ବକୁଶଳୀ କଳାକାର ଭାବରେ ଶ୍ରୀଯୁକ୍ତ ପ୍ରଶାନ୍ତ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ ନନ୍ଦଙ୍କ ସଂପର୍କରେ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ବାପୁଲେଙ୍କାଙ୍କ ଦ୍ୱାରା ପ୍ରସ୍ତୁତ, "ହୋମ୍ ଭିଡିଓ" ଆନୁକୁଲ୍ୟରେ ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମାନ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ





ଓଡିଶାର ସମସ୍ତ ସଂସ୍କୃତି ସଂପନ୍ନ ବ୍ୟକ୍ତିବିଶେଷ ଏବଂ ଚଳଚ୍ଚିତ୍ର ସହ ସଂପୃକ୍ତ ବ୍ୟକ୍ତିମାନଙ୍କର ସହଯୋଗ ମିଳିଥିଲା । ବାଣୀଚିତ୍ର ମୁଖ୍ୟ ସଂପାଦକ ଏହି କାର୍ଯ୍ୟକ୍ରମ ଅବସରରେ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ୭୦ ବର୍ଷର ଓଡିଆ ଚଳଚ୍ଚିତ୍ରର ଏକ ସଂକ୍ଷିପ୍ତ ରୂପରେଖ ଦେବା ସଙ୍ଗେ ସଙ୍ଗେ ଉପସ୍ଥିତ ସମସ୍ତ ଅତିଥି ଏବଂ ଦର୍ଶକ ମାନଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ବାଣୀଚିତ୍ରର ସଂପାଦକ ଭାସ୍କର ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଓଡିଶାର ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀ ଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଓଡିଶାର ସିନେମା ହଲ୍ ଓନର୍ସ ଆସୋସିଏସନ୍‌ର





ସଭାପତି ଶ୍ରୀଯୁକ୍ତ ବିଜେନ୍ଦ୍ର କୁମାର ମହାନ୍ତି ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ "ଶୁଭମ୍" ଆଡଭେର୍ଟାଇଜିଙ୍ଗ ସଂସ୍ଥାର ପରିଚାଳକ ବିକ୍ରମାଦିତ୍ୟ ଜେନା, ବାଣୀଚିତ୍ରର ଶୁଭେଚ୍ଛୁ ଦୀନେଶ କୁମାର ପ୍ରଧାନ, ଏବଂ ବାଣୀଚିତ୍ରର ସହ ସଂପାଦକ ତଥା ସାମ୍ବାଦିକ ପାର୍ଥସାରଥୀ ଜେନା, ପରମେଶ୍ୱର ଜେନା ଏବଂ ଅନ୍ୟମାନେ।

## ବାଣୀଚିତ୍ର ଚିତ୍ର ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତି ବିଶେଷ



### ଅଭିନେତା

| | |
|---|---|
| ଗୋପାଳ ଘୋଷ | ଦେବୁ ବୋଷ |
| ବିଜୟ ମହାନ୍ତି | ଅଜିତ ଦାସ |
| ଉତ୍ତମ ମହାନ୍ତି | ମିହିର ଦାସ |
| ଜୟୀରାମ ସାମଲ | ପ୍ରଦ୍ୟୁମ୍ନ ଲେଙ୍କା |
| ପ୍ରେମାଞ୍ଜନ ପରିଡା | ରାଇମୋହନ ପରିଡା |
| ଶ୍ରୀକାନ୍ତ ଗୌତମ | ସିଦ୍ଧାନ୍ତ ମହାପାତ୍ର |
| ଅନୁଭବ ମହାନ୍ତି | ଶ୍ରୀତମ ଦାସ |
| | ମୁନ୍ନା ଖାଁ |

### ଅଭିନେତ୍ରୀ


| | |
|---|---|
| ମଣିମାଳା ଦେବୀ | ତନ୍ଦ୍ରା ମହାନ୍ତି |
| ଅପରାଜିତା ମହାନ୍ତି | ମାମା ମିଶ୍ର (ମହାପାତ୍ର) |
| ଜ୍ୟୋତି ମିଶ୍ର | ଅନୁସୁୟା ମିଶ୍ର ଚୌଧୁରୀ |
| ବର୍ଷା ସାହୁ | ଅର୍ଚ୍ଚିତା ସାହୁ |
| ଶ୍ୱେତା ଥାଣ୍ଡା | ସାଧନା ପରିଡା |

### ନିର୍ଦ୍ଦେଶକ

| | |
|---|---|
| ଗୋବିନ୍ଦ ତେଜ | ମନ ମୋହନ ମହାପାତ୍ର |
| ହର ପଟ୍ଟନାୟକ | ସଞ୍ଜୟ ନାୟକ |

### ସଙ୍ଗୀତ ନିର୍ଦ୍ଦେଶକ

ମନ୍ମଥ ମିଶ୍ର



### ଗୀତିକାର

ବିଜୟ ମଲ୍ଲ

### ପ୍ରେକ୍ଷାଳୟ ମାଲିକ

ସୀତା ପାଣ୍ଡେ (ମରଣୋତ୍ତର)
ପି ସୁଗୁଣା ଦେବୀ
ଆଶୁତୋଷ ମହାପାତ୍ର

### ଚିତ୍ରନାଟ୍ୟ/ ସଂଳାପ

ଶାରଦା ପ୍ରସନ୍ନ ନାୟକ

### କଣ୍ଠ ଶିଳ୍ପୀ

ଚିତ୍ତ ଜେନା



### ବିତରକ

ବର୍ଗେଶ ମାଥ୍ୟୁ

### ବ୍ୟବସ୍ଥାପକ

ହରିପ୍ରସାଦ ବିଶ୍ୱାଳ

### ପ୍ରଯୋଜନା ପରିକଳ୍ପନା

ଶ୍ରୀକାନ୍ତ ଦାସ (ଦୀପୁ)

## ଚଳଚ୍ଚିତ୍ର ସାମ୍ବାଦିକ

ବସନ୍ତ ପଟ୍ଟନାୟକ
ଗୌରୀ ଶଙ୍କର ପଣ୍ଡା

## ନୃତ୍ୟ ନିର୍ଦ୍ଦେଶକ

ରବି ଇସଲାମ୍

## ପ୍ରଯୋଜକ

| | |
|---|---|
| ବସନ୍ତ ନାୟକ | ରତିକାନ୍ତ କାନୁନଗୋ |
| ରବି ସ୍ୱାଇଁ | ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର |
| ନିରଞ୍ଜନ ରଣା | ଜ୍ଞାନ ପଟନାୟକ |
| ରଣଜିତ ରାଉତ | ପ୍ରମୋଦ ସ୍ୱାଇଁ |

## ସ୍ୱତନ୍ତ୍ର ପୁରସ୍କାର

ବିଷ୍ଣୁଦତ୍ତ ପଟ୍ଟନାୟକ (ଫେଲୁ)
ଚନ୍ଦ୍ରଶେଖର ଲେଙ୍କା (ବାପୁ)
ହରିଶ ମହାନ୍ତି
କେ ଏସ୍ ରାମଚନ୍ଦ୍ରନ୍
ପୂର୍ଣ୍ଣଚନ୍ଦ୍ର ରଥ
ବିପିନ ବିହାରି ନାୟକ
ପ୍ରଫୁଲ୍ଲ ମହାନ୍ତି (ରାବି)

# ବିଶେଷ ଅନୁରୋଧ

ଶେଷରେ ଏକ ବିଶେଷ ଅନୁରୋଧ। ଆପଣ ମାନେ ଯଦି ଚାହୁଁଛନ୍ତି ଏଥିରେ ଆପଣଙ୍କ ଦ୍ୱାରା ଲିଖିତ କିଛି କ୍ଷୁଦ୍ର ଗଳ୍ପ କିମ୍ବା କବିତା ସ୍ଥାନ ପାଉ, ତାହେଲେ ଆଜି ହିଁ ଆମ ନିକଟକୁ ଲେଖି ପଠାନ୍ତୁ। ଆମ ଠିକଣା ଏହି ପୁସ୍ତିକାରେ ପ୍ରଥମ ଓ ଶେଷ ପୃଷ୍ଠାରେ ମିଳିବ। ଧନ୍ୟବାଦ।



# ଝଞ୍ଜା

ସମାଜର ଟାହିଟାପରା ବୋହି ବୋହି ଚାଲିବା ରାମଗୋପାଳ ବାବୁଙ୍କ ପକ୍ଷରେ ଆଉ ସମ୍ଭବ ହେଉନି। ବୟସଟା ମଚ୍ଛର ହେଲାଣି। ପିଲା ମାନେ କାଲି ଛୋଟ ଥିଲେ ଆଜି ବଡ ହେଲେଣି। ସଂସାର ସମାଜର ଚିନ୍ତା ଟିକେ କମିବା



କଥା, କିନ୍ତୁ ବଡି ବଡି ଚାଲିଛି। ସାହି ପଡିଶା, ଭାଇ ଭଉଣୀ ଆଉ ବନ୍ଧୁବାନ୍ଧବଙ୍କୁ ନେଇ ଛୋଟ ପରିବାରଟା ଦିନକୁଦିନ ଭୂମି ଛୁଉଁଛି। ଯେଉଁମାନେ ମୁହାଁମୁହିଁ ଦେଖାହେଲେ, ସମ୍ମାନ ଦେଇ ଆଡହୋଇ ଚାଲିଯାଉଥିଲେ। ଟିକେ ସମବୟସ୍କ ଦେଖାହେଲେ ଆଜ୍ଞା ବାବୁ କହି ହାତଯୋଡି ପ୍ରଣାମ କରୁଥିଲେ, ସେମାନେ ଏବେ ଶଳା ବେଧୁଆ କହି ଅସମ୍ମାନ କରିବାକୁ ପଛାଉନାହାନ୍ତି। ଗାଁ ଦାଣ୍ଡର ହିସାବରେ ରାମଗୋପାଳବାବୁଙ୍କ ଅର୍ଦ୍ଧାଧିକ ଯୁକ୍ତିଯୁକ୍ତ ପ୍ରସ୍ତାବ ରହି ମୀମାଂସା ହୋଇଯାଉଥିଲା। ଦୋଷୀ ଗାଁ ସମ୍ମୁଖରେ ମୁଣ୍ଡ ହଲାଇ ନିଜ ଦୋଷ ସ୍ୱୀକାର କରିଦେଉଥିଲା। ଆଜିକାଲି ସେହି ଦୋଷୀମାନେ ଗାଁ ଲୋକଙ୍କ ସାମନାରେ ପରିବାର କଥା ଉଠାଇ ତିରସ୍କାର କରିବାକୁ ପଛାଉନାହିଁ। ବର୍ତ୍ତମାନ ସମୟରେ ଘର ଡିଙ୍ଗି କୁମ୍ଭୀର। ତୁମ ପରିବାରଟା ଯାହା ହେଉ ଆମର ସେଥିରେ କଣ। ଯାଏଆସେ। ଯେମିତି ପିଲାମାନଙ୍କୁ ଗଢିଥିଲୁ, ଠିକ୍ ସେମିତି ହେଲେ।

ଏମିତି କଟୁ ସମାଲୋଚନାର ଶବ୍ଦଗୁଡିକ ବୁଢା ବୟସରେ ଶୁଖିଲା ଦେହରେ ଶର ପରି ପଶିଆସୁଛି। ନିଜ ବନ୍ଧୁବାନ୍ଧବ ମାନେ ତ ଏପରି ଗାଁ ଲୋକଙ୍କ ମୁହଁରେ ବାଡବତା କେମିତି ରହନ୍ତା ଭଲା?

ସ୍ୱପ୍ନରେ ସୁଧା ଏମିତି ଏକ ଦିନର କଥା ଭାବି ନଥିଲେ ରାମଗୋପାଳବାବୁ, ଥିଲେ କଣ ହେଲେ କଣ! ଆଜିକୁ ମାତ୍ର କେଇ ଦିନର କଥା, ଶହ ଶହ ଏକର ଜମିର ମାଲିକ ଥିଲେ ସେ। ଲୋକ ଜମିନେଇ ଚଷୁଥିଲେ ଆଉ ଅମାର ଘରେ ଆଣି ଭରିଦେଉଥିଲେ ପରିପୁର୍ଣ୍ଣ ଶସ୍ୟ। ଡାକ ପକାଇଲେ ଘର ନଡା ପକାଇବା ହେଉ ଅବା ଗାଈଗୋରୁଙ୍କ ପାଇଁ ଘାସ ହେଉ ସବୁ ସାଙ୍ଗେ ସାଙ୍ଗେ ଯୋଗାଡ କରିଦେଉଥିଲେ। ଥରେ ସାମାନ୍ୟ ଥଣ୍ଡା ହେବା ପରେ ବାବୁ ଗାଁ କବିରାଜଙ୍କ ଠାରୁ ହୋମିଓପ୍ୟାଥି ଆଣି ଖାଇଲେ, ଆଉ ଦିନ ସାରା ଗାଁ ଲୋକଙ୍କ ସୁଅ ଛୁଟିଥିଲା ଘରକୁ। ହେଲେ ଆଜି ପାଣିଟୋପାଟିଏ ଦେବାପାଇଁ କାହାର ରାହା ନାହିଁ।

ଚାରିଝିଅ ଆଉ ଗୋଟିଏ ପୁଅକୁ ନେଇ ସଂସାର। କିଛି ଦିନ ତଳଯାଏଁ ଘର ଗହଳିଥିଲା, ଚାକରବାକର ମିଶାଇ ସମୁଦାୟ ବାର ଚଉଦ ଲୋକ ହେଉଥିଲେ। ଆଜି ଏଇ ଘର ଭୁତ କୋଠୀ, ଘର ନାହିଁ କି ଘରଣୀ ନାହିଁ। ପୁତ୍ରକନ୍ୟାଙ୍କ ପୁଷ ମାସ। ପ୍ରକୃତିର ଚକ୍ର ଅଲଗା। କେଉଁ ପୁରୁଣା କାଳରୁ ଭାର୍ଯ୍ୟା ତା ଛୁଆମାନଙ୍କୁ ବାବୁଙ୍କ କୋଳରେ ଦେଇ ସଂସାର ତ୍ୟାଗ କରିସାରିଛି। ଝିଅମାନେ କିଏ କେଉଁଠି ବାବୁଙ୍କ ପାଖରେ ଖବର ନାହିଁ।

ଘରର ଛଣଛପର ଭୁଇଁ ଛୁଇଁଲାଣି। ଘରୁ ବାହାରିଲେ ବାବୁଙ୍କ ବୃଦ୍ଧ ଦେହ ବି କାଛରେ ବାଜୁଛି। ପୁଅର ଏଥିପ୍ରତି ନିଘା ନାହିଁ। ଅସାମାଜିକ ଅସଭ୍ୟ ମାନଙ୍କ ଗହଣରେ ରହି ଘରଠୁ ଦୁରେଇଗଲାଣି। ପୁର୍ଣ୍ଣିମାର ଜହ୍ନପରି କେବେ ପନ୍ଦର ଦିନରେ ଥରେ ତ କେବେ ମାସଧିକ କାଳ ଗାୟବ ହୋଇଯାଉଛି। ମୁଣ୍ଡରେ ବୁଢା ବାପାର ଚିନ୍ତା ନାହିଁ।

ରାସ୍ତାରେ ହାତୀବାବୁ ଦେଖିଥିଲେ ବାବୁଙ୍କ ସୁପୁତ୍ରକୁ, ହାତରେ ବିୟର ବୋତଲ ଆଉ ମାଂସ ପକଡା ଧରି ମେଳ ଜମିଥିଲା। ସାମାଜିକ ଭାବରେ ବାସନ୍ଦ କିଛି ରୁପଦେହୀ ମାନଙ୍କ ସଙ୍ଗତରେ ଜମିଥିଲା ଆସର। ଅସଭ୍ୟ



କହି ମନେ ମନେ ହସି ହସି ଚାଲିଆସିଲେ ସେ। ଠିକ୍ ଦୁଇଦିନପରେ ବାବୁଙ୍କ ବହୁଚର୍ଚ୍ଚିତ ପୁତ୍ରର ଛବି ସମ୍ବାଦପତ୍ରର ଶିରୋମଣ୍ଡନ କରିଥିଲା, ସହରର ଏକ ବିଶିଷ୍ଟ ବ୍ୟାଙ୍କରେ ଚୋରୀକରିଥିବା କଥା ଲେଖାହୋଇଥିଲା। ସେମିତିରେ ବି ବାବୁଙ୍କ କନ୍ୟାରତ୍ନ ବିଭିନ୍ନ



ଗଣମାଧ୍ୟମର ପ୍ରିୟ ବିଷୟ ବସ୍ତୁ ଥିବା ବେଳେ ଏବେ ବାବୁଙ୍କ କୁଳାଙ୍ଗାର ପୁତ୍ର ବାକି ଯାହା ଥିଲା ସମ୍ମାନ ତାକୁ ବିକିଦେଇଥିଲା । ଏ ସବୁ ଚିନ୍ତାର ବୋଝତଳେ ବାବୁ ପେଶି ହୋଇଗଲେଣି, ଏବେ ବାପା ବୋଲି ସମ୍ମାନଟିକୁ ସେ ଆପଣାଇବାକୁ ଚାହାନ୍ତିନାହିଁ । ବାପା ଶବ୍ଦର ବୋଝ ସମ୍ଭାଳି ହେଉନି କି ଛାଡି ହେଉନି । ଯାହା ହେଲେବି ସେମାନେ ତ ଏଇ ରକ୍ତ ଯାହା ବାବୁଙ୍କ ଦେହର ପ୍ରତ୍ୟେକ ଶିରାଧମନୀରେ ବହୁଛି ।

ଏଇ ସବୁ ଚିନ୍ତା ଦୁଶ୍ଚିନ୍ତା ଭିତରେ ବୁଢା ବୟସର ଲୋକଟି ପାଗଳପ୍ରାୟ ହୋଇଗଲାଣି । ଘରୁ ବାହାରି ସାମ୍ନାରେ ଥିବା ଥୁଣ୍ଟା ବରଗଛତଳେ ବସି ସେ ଦେଖୁଥାନ୍ତି, ଏଇ ଗାଁ ଲୋକମାନେ କେମିତି ତୁଚ୍ଛହାସ୍ୟ କରି ପଳାଇ ଯାଆନ୍ତି । ନିଜ ପୁଅଝିଅ ତ ପଚାରିଲେ ନି ଏଇ ଗାଁ ଲୋକ ବା କିଏ । ସାହିପଡିଶାରେ ଥିବା ନାତିନାତୁଣିମାନେ ସ୍ନେହରେ କଥା କହି କହି କଟା ଘା'ରେ ଚୁନ ଦେବା ଛଡା ଆଉ କିଛି କରନ୍ତି ନାହିଁ । ଥଣ୍ଡାରୁ ବଞ୍ଚିବାପାଇଁ ନିଆଁ ସେକି ହେଉଥିବା ମଣିଷଟି ଯେ ସେହି ନିଆଁ ଝାସରେ ଶିଝିଯାଉଛି ଏହା କେବଳ ସେ ହି ଜାଣେ । ଅଯଥା ଶିଝିବା ବ୍ୟତିରେକ ଖାଲିପାଦରେ ଚାରଣ କରିବା ବିଧେୟ ।

ପାଠସାଠ ପଢାଇ ଦୁନିଆରେ ଚାଲିଶିଖାଇବାର ଯେଉଁ ସ୍ୱପ୍ନ ସେ ଦେଖିଥିଲେ ସେ ସ୍ୱପ୍ନ ଡ୍ରେନ୍‌ରେ ପାଣି ଫୋଟକା ଟିଏ ପରି ଭାସିଗଲା । ନିଜ ଆଖିଆଗରେ ଗାଁ ଦାଣ୍ଡର ପାଣିନାଳ ବି ଅଟହାସ୍ୟ କଲା । କେବେ ଥରେ ଇନ୍ଦ୍ରର କୋଦଣ୍ଡ ଗର୍ଜିଲେ ଟୋପ ଟୋପା ପାଣିରୁ ସୃଷ୍ଟି ଗୋଟିଏ କୃତ୍ରିମ ସରୁ ନାଳ ଯେ ଚିରସ୍ଥାୟୀ ହୋଇଯିବ, ଆଉ ରାମବୁଢା ଗୋଟିଏ ଥୁଣ୍ଟା ବରଗଛ ହୋଇ ତାକୁ ଦେଖି ତତଲା ଖରାରେ ବାଟ ଚାଲିବ, ହୁଏତ ଏହି କଥା ତାଙ୍କ ମନକୁ ପାଇନଥିବ । ହେଲେ ପ୍ରକୃତିଚକ୍ରଯେ ଏମିତି ରୂପରେଖ ବଦଳାଇ ମିଥ୍ୟାକାହାଣୀ ଟାକୁ ସତ୍ୟରେ ପରିଣତ କରି ସତସତିକା ଦେହକୁ ଗୋଟିଏ ମାଦଳଗଣ୍ଡିକରି ରାଜରାସ୍ତା ଉପରେ ଗଡାଇଦେବ । ଆଉ ରାଜ ରାସ୍ତାର ଭୂମିହୀନ ପଥିକ ସେହି ମାଦଳଗଣ୍ଡିକୁ ପେଣ୍ଡୁ ଭାବି ଗୋଇଠା ମାରି ଖେଳିବେ- ଇଏ ତ ଗୋଟିଏ ଦିବାସ୍ୱପ୍ନ ।

ଛେନାଘିଅ ଖାଇବା ସକାଶେ ତିନିଚାରୋଟି ଗାଇ ବାନ୍ଧିଥିଲେ, ଶୁଖିଲା ଦେହକୁ ତିନି ଚାରିଥର ସିଝା କ୍ଷୀରଟୋପେ ମିଳିଲାନି, ପୁଅର ପାଠପଢା ପାଇଁ ଗାଇ ଜମିବାଡି ସବୁ ଗଲା । ତା'କୁ ଫେରାଇ ଆଣିବା ଆଉ ସମ୍ଭବ ହେଲାନି, ସେହି ପୁଅ ଏବେ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛି, ବନ୍ଧୁମାନଙ୍କୁ ଚିକେନ୍ ପକଡା ଖୁଆଉଛି । ଶାସ୍ତ୍ରୀ କହିଥିଲେ, ''ଦୁହିତା ଦୁଇ କୁଳକୁ ହିତା'' ହେଲେ ରାମବାବୁଙ୍କ କ୍ଷେତ୍ରରେ ସେୟା ହେଲାନି । ରାମ ବୁଢାର ଏହି କଥା ଆଦୌ ପସନ୍ଦ ଯାଉନି । ଗାଁ ଆଉ ସହରର ପାର୍ଥକ୍ୟ ବୁଝି ପାରୁ ନାହାନ୍ତି ସେ କିମ୍ବା ମନକୁ ବୁଝେଇ ପାରୁ ନାହାନ୍ତି । ମନେ ମନେ ଭାବିଥିଲେ ନିଜ ରାଣୀ ପରି ଝିଅକୁ ପୃଥ୍ୱୀରାଜ ପରି ଯୋଦ୍ଧା, କିମ୍ବା ବୀକ୍ରମାଦିତ୍ୟଙ୍କ ପରି ଜ୍ଞାନୀ ହାତରେ ଟେକି ଦେବାପାଇଁ । ଆଉ ନିଜର ରାଜକୁମାର ପରି ପୁଅଙ୍କ ପାଇଁ ସଂଯୁକ୍ତାଙ୍କ ପରି କନ୍ୟାଟିଏ ଆଣିବେ ବୋଲି ଯେ ମଲା ବେଳକୁ ତୁଣ୍ଡରେ ନିର୍ମାଲ୍ୟ ଟିକେ ଆଉ ଗଙ୍ଗାଜଳ ଟୋପେ ଦେବ । ହେଲେ ଏସବୁ ରାଜପ୍ରାସାଦର ବିସ୍ତୃତ ପୁଷ୍କରିଣୀ, ଆଉ ସେହି କାଚ କେନ୍ଦୁ ପରି ପାଣି, ପାଣି ତଳେ ସାତତାଳ ଗହ୍ୱରରେ ପଙ୍କ, ସେହି ପଙ୍କ ଭିତରେ ସୁନାର ଫରୁଆ, ସେହି ଫରୁଆରେ ବୁଡି ଅସୁରୁଣୀର ଜୀବନ ପରି କାହାଣୀଟା ପରି ସତସତିକା ସଂଧ୍ୟା ସମୟର ଆଇ ନାତୁଣୀ ରହସ୍ୟ ପରି ରହସ୍ୟ ହୋଇ ରହିଗଲା ।

ଏ ସବୁ ରାମଗୋପାଳବାବୁଙ୍କ ପାଣ୍ଡୁଲିପିରେ ଅଲିଭା ଅକ୍ଷରରେ ରହିଗଲା ସିନା, ଆଉ ବଣମଲ୍ଲୀ ପରି ଚହଟିଲା ନି କି ଶେଫାଳିପରି ବଂଚି ରହିପାରିଲାନି, ହେଲେ ଏ ସମାଜ ଦେଖି ହେଉ ନଥିବା ଶୁନ୍ୟଜାଲକୁ ଫିଙ୍ଗି ଚୁଲିଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଦେଲା । ସମସ୍ତେ ଜାଣିଗଲେ ।

ବିସ୍ମୟ ବିସ୍ଫାରିତ ନେତ୍ରରେ ଫେରି ଚାଲିଲେ ସହର ଆଡେ । ଦେଖିଲେ ତରୂଣୀ । ଦୁନିଆ ଚିଡିଆଖାନାର କେହିଜଣେ ଦର୍ଶକ, ପର୍ଯ୍ୟଟକ, ଦାର୍ଶନିକ କି ଚିନ୍ତାନାୟକ ପିଠି ଉପରେ ହାତରଖି କହିଲେ, ରାଜଧାନୀର ତରୂଣୀଙ୍କ ବେଶ୍ୟାବୃତ୍ତି, ଭୀରୁ, କାପୁରୁଷ ଯୁବକଙ୍କୁ ପାଗଳ କରିପକାଇଛି । ସ୍ରଷ୍ଟାର ସୃଷ୍ଟିରେ ଯେଉଁମାନେ ରୁପରେ ସୁନ୍ଦର ଗୁଣକି ଚରିତ୍ରରେ ବେଶ୍ୟାଳୟର ଅନ୍ଧାର କୋଠରୀରେ ସେମାନେ ହିଁ ମଣିଷ ସମାଜର ଗେହ୍ଲାପୁଅ । ଭୁଲ ବୁଝନି, ମୋ ପୁଅ ଝିଅ ମାନଙ୍କୁ ନେଇ ଯାହା ସ୍ୱପ୍ନ ଦେଖିଥିଲି, ମୁଁ ମରିଚୀକାର ପିଛା କରି, ଏ ନିକଟ ଅତୀତରେ ପାଇଗଲି । ହେଲେ ମୋ ନିକଟ ଆତ୍ମୀୟ ମାନଙ୍କ ଦେଖା ନାହିଁ । ଆଙ୍ଗୁଠି ନିର୍ଦ୍ଦେଶ କରି କହିଲେ- ଏଇ ମାନଙ୍କ ପରି ମୋ ସନ୍ତାନ ସନ୍ତତି ଯାହା ହୁଏତ ଆପଣଙ୍କର ବି ସେହିପରି ହୋଇପାରନ୍ତି । କିଛି ଅସମ୍ଭବ ନୁହେଁ, ଫେରି ଚାଲ । ଦେଖିବ ସେମାନେ ନିଜର ଭୁଲ ବୁଝି ପୁଣି ଫେରି ଆସିବେ । ସେତେବେଳେ ଆଉ ସମୟ ନଥିବ, ।

ପ୍ରକୃତ କଥା, କେହି ମହାନ ଲୋକର ମନ୍ତବ୍ୟରେ ବୁଢା ବୟସର ରାମବାବୁ ଲୁହ ଝରାଇଥିଲେ ଅନେକ । ଏ କଥା ସତ ଯେ କିଛି ମିଳିଲାନି, ତଥାପି ସେ ଆଗେଇ ଚାଲିଲେ, ସେହି ଖାଲିପାଦ, ଆଖି କୋଣରେ ଥିବା ମେଞ୍ଚା ମେଞ୍ଚା ଲେଞ୍ଜରାରେ ।

ଦୁରରୁ ଡିବିଡିବି କୋଣସି ଲଣ୍ଠନ ଆଲୁଅରେ ବୁଢା ରାମବାବୁର ଆଖିକୋଣର ଲେଞ୍ଜରା ଗୁଡାକ ଝାଲସା କରି ଦେଉଥିଲା । ଭାବୁଥିଲେ, ବୁଢା ବୟସରେ ଆଖିଟାକୁ ଆଉ



ଭଲ ଦିଶୁନି ବୋଧ ହୁଏ ଟର୍ଚ୍ଚ ଲାଇଟ୍। ପୁଣି ବି ଭାବିଲେ- ରାତିଟା ଘନ ଅନ୍ଧକାର ଆଡକୁ ଠେଲି ହେଇ ଯାଉଛି। ରାସ୍ତାଘାଟ ଜନଶୁନ୍ୟ ପୁରା ଜନତା ନିର୍ବାକ ଆଉ ନିଷ୍ପନ୍ଦ। ଏଇଟା କୋଣସି ବାଟୋଇର ଆଶ୍ରୟ ସ୍ଥଳୀ। ଚାଲ, ଫେରି ଚାଲ, ଯଦି ପାଣିଟୋପେ ମିଳନ୍ତା। ତା ହେଲେ ମନଭରି ପିଇ ନିଅନ୍ତୁ। କିଛି ନ ହେଲେ ଉଦାରବାବୁ ତ ଯାଆନ୍ତି, ମିଳିଯାଆନ୍ତା। ଚଳନ୍ତା ଚଳନ୍ତିରେ ସେଇଟା ସେମିତି କିଛି ନାହିଁ। ଗୋଟିଏ ବେଶ୍ୟାଳୟ। ବେଶ୍ୟା ଆଉ ନିବୁଜ ଶୟନ କୋଠରୀ ଆଉ ଘନ ଅନ୍ଧକାର।

ତାହେଲେ ବାପାଙ୍କୁ କଣ କେହି ଦୟା କଲେନି? ନା ବୁଢା ଏଇମିତି ନାଟକ କରୁଛି? ଆଖିକୁ ଦେଖା ଯାଉନି, ହେଲେ ଏମିତି ଘନ ଅନ୍ଧକାର ମଧ୍ୟରେ କେମିତି ବାଟବାରି ଏଇ ନିଛାଟିଆ ଜାଗାକୁ ଆସିପାରିଲେ। ବାପା କଣ



# ଆହ୍ୱାନ୍

ଜାଣି ଗଲେ ଯେ ଆମେ, ଏ ବୁଡାଟା ଆମ ସଂସାର ସାରିଲା। ଆଉ ରହିହେବନି। ଆମକୁ ମରିବାକୁ ହେବ ନହେଲେ ମାରିବାକୁ ହେବ। ଏହା ବ୍ୟତୀତ କିଛି ରାସ୍ତା ନାହିଁ।

ତୃଷା ମେଣ୍ଟେଇବାକୁ ଖାଲିପାଦର ତତଲା ବାଲିରେ ଧାଇଁ ଧାଇଁ ଆସିଥିବା ଷାଠିଏ ବର୍ଷର ବୁଢାଟା ଓଃ, କହି ବସି ପଡିଲା। ଗୋଟିଏ ହାତରେ ଠେକାଟାକୁ ଖୋଲି ଥରେ ଦୁଇ ଥର ଝାଡି ବାଷ୍ପରୁଦ୍ଧ କଣ୍ଠରେ ପାଣିଗ୍ଲାସେ ମାଗିଦେଇଥିଲା ସେ। ସୁଯୋଗ ଉଣ୍ଡିଥିଲା ବେଶ୍ୟାର, ମାରିଦେବାର ସୁଯୋଗଟାକୁ କାମରେ ଲଗାଇଦେବା ପାଇଁ କିଛି ବିଷାକ୍ତ ଦ୍ରବ୍ୟ ମିଶାଇ ଦେଲା। ଟିକେ କରୁଣ କଣ୍ଠରେ କଥାକହି ରାମ ବୁଢ଼ା ଆଡକୁ ବଢ଼ାଇଦେଲା।

ମୋ ମା କି'ରେ, ଆଇଲୁ ମା, ଆ' ମା'ଟା ପରା କେତେ ଦିନ ହେଲାଣି ତତେ ଦେଖିନି। ଆଲୁଅ ଟିକେ ଆଣିଲୁ ତତେ ଦେଖିବି, ବୁଢା ହେଲିଣି, ଆଉ କେତେ ଦିନ ବଞ୍ଚିବି ଠିକ ନାହିଁ। ଧିରେ ଧିରେଆଖିରୁ ଆଲୁଅ ବି କମିଲାଣି। ମଲାବେଳକୁ ତ ମା'ରେ ପାଖରେ କିଏ ବି ନାହିଁ। ପାଣିଟୋପା ଟିଏ ବି ଦେବାକୁ କିଏ ନାହିଁ। ହେଉ ଦେ ମା ପାଣି ଗିଲାସଟା ବଢାଇ ଦେ, ଶୋଷକୁ ପାଣି ଗ୍ଲାସଟା ଜଳୁଥିବା ନିଆଁକୁ ଲିଭାଇ ଦେଇଥିଲା।

ଔଷଧମିସହା ପାଣି ଗ୍ଲାସଟା ତଳେ ପଡି ବେଶ୍ୟାର ମନୋବୃତ୍ତି ଉପରେ ଆଞ୍ଚ ଆଣିଥିଲା କିନ୍ତୁ ସେ ସ୍ନେହ ଭରା ଡାକ ତା ମନରେ କିଛି ପରିବର୍ତ୍ତନ ଆଣିଲା ନାହିଁ। ସେ କହିଉଠିଲା, ଏଇଟା ଅଫିସ, ବେଶ୍ୟା ମାନଙ୍କ କୋଠୀ, ଶୟନ କୋଠରୀ, ଏଠି ମା' କେହି ନାହାନ୍ତି, ଯାଅ ଚାଲିଯାଅ।

ଫଟା କପାଳର କଳ୍ପନାଟା କଳ୍ପନାରେ ହିଁ ରହିଯିବା ପରି ଅନୁଭବ କଲେ ସେ। ବାଟୋଇର ଘର ଭାବି ବାଟ ଚାଲିଥିଲା, ହେଲେ ସେ କଣ ନ କଲା ସତେ। କେଉଁ ତରୁଣୀର ଘର ଭିତରକୁ ପଶିଆସିଲା। ହଉ ମା ହଉ, ମୋ ଝିଅ ପରି ପାଟିଟା ଶୁଭିଲା ତ! ଡାକିଦେଲି, ଭୁଲ ହେଇଗଲା ଆଜ୍ଞା, ଥରି ଥରି ଆହୁରି କେତେ କଣ କହୁଥିଲା ସେ କେହି ଶୁଣିଲେ ନାହିଁ।

ଯାହା ବି ହେଲେ ବୁଢାର ରକ୍ତ ପିଲାଙ୍କ ଦେହରେ ବହୁଛି, ଦି ବିଧା ମାରିଲେ ବି ସେ ଶାପ ଦେବନି। ନିଜ ରକ୍ତ ପରେ, ନିଜ ର ସନ୍ତାନ।

ସ୍ନେହ କଙ୍ଗାଳ ବାପଟାର ହୃଦୟଟାକୁ ରାଜେଶ ବୋଧହୁଏ ବୁଝି ପାରିଥିଲା, ସେଇଥିପାଇଁ ସେ ସ୍ନେହ ମିଶ୍ରିତ ହୃଦୟରେ ବାହାରି ଆସିଥିଲା, ବାପା ବାପା ଡାକି। ଦାଣ୍ଡବାଟର ଦରବାଜା ଖୋଲି, ଝରକା ଫାଙ୍କରେ ସେ ଦେଖିନେଇଥିଲା, ଘରର ସମସ୍ୟା। ଉତ୍ତରଟା ସେ ବୁଝି ପାରିଥିଲା।

ମାନବିକତା ଆଉ ବିବେକ ଗୁଣଟା ଟିକେ ରାଜେଶର ହୃଦୟ ଭିତରକୁ ପଶିଛି, ସେଇଥିପାଇଁ ସେ ବଦଳି ଯାଇଛି। ସହରର ଘୋ ଘା ଚାରିକାଛକୁ ଡେଇଁ ବାପା ପାଖକୁ ଦଉଡି ଆସିଛି।

ଏ ସବୁ ଶୁଣି ମୋ ଅର୍ଦ୍ଧାଙ୍ଗିନୀ କହିଲେ କାହାଣୀଟା ଅଧୁରା ରହିଗଲା ଯେ। ମୁଁ କହିଲି ବାକି ତ ପାଠକ ଜାଣି ସାରିଲେଣି। ଆଉ କିଛି ନାହିଁ ଲେଖିବାକୁ। ଆଜିପାଇଁ କଥା ଧାଡିଏ ଆଉ



ଆଲୋଚନା ଶେଷ ହୋଇଗଲା, ହେଲେ ମୋ ମାନସୀର କୋମଳ ମନଟାକୁ କଷ୍ଟ ଲାଗିବ ବୋଧହୁଏ ସେଇଥିପାଇଁ ତାକୁ କହିଦେଲି, ହେଇ ହୋ ସଞ୍ଜୁ ବର୍ତ୍ତମାନ ସମାଜରେ ଏମାନେ ପଶିଗଲେ, ସମାଜ ଏମାନଙ୍କ ସପକ୍ଷରେ। ସେ କହିଲା, 'ଓଃ ଏମିତି କଥା?'

**କୃପାସିନ୍ଧୁ ପ୍ରଧାନ (ଟୁକୁ)**
କହୁଆ, ରାଜନଗର,
କେନ୍ଦ୍ରାପଡା, ଓଡିଶା।

# ବ୍ୟତିକ୍ରମ

**ପ୍ରସନ୍ନ କୁମାର ପାଟଶାଣୀ**

ବିପ୍ଲବ କରିବା ନାଆଁରେ ନିଜର ସ୍ୱାସ୍ଥ୍ୟପ୍ରତ ଗୁରୁତର ଅବହେଳା କରିବା ପାପନୁହେଁ କି? ସାମାଜିକ ସ୍ୱାସ୍ଥ୍ୟ ଭାଙ୍ଗି ପଡିଲାବେଳେ କଥା କଥିତ ଏକ ବ୍ୟକ୍ତି ବିଶେଷର ଶାରୀରିକ ସ୍ୱାସ୍ଥ୍ୟପ୍ରତି ଗୁରୁତ୍ୱ ଆରୋପ କରିବାଟା ବୋକାମୀ।

ହସିଥିଲା ଝିଅଟି। ଯିଏକି ଅନେକ ତରୁଣଙ୍କର ଭଗ୍ନସ୍ୱାସ୍ଥ୍ୟପାଇଁ ଦାୟୀ। କଣ୍ଠରେ ଆହତ କାରୁଣ୍ୟର ସ୍ୱର। ନା  ମୁଁ ଆଉ ଜଣକୁ ଭଲ ପାଇବସିଛି। ସେ କିଏ? ଅଭିମାନ ଭିଜା ଆଖିର ଉପାତରେ ଲୁହର ପ୍ରତୀକ୍ଷା। ମୁଁ ବିପ୍ଳବକୁ ଭଲ ପାଇବସିଛି। ହାୟ, ତୁମେ କଣ କରୁଛ? ତୁମେ ବୁଝିନ ପ୍ରିୟ, କେଉଁଦିନ ପୁଲିସ ବୁଲେଟ୍‌ର ଚୋଟ ତୁମକୁ ନିଃଶେଷ କରିବ, ତୁମେ ଥରେ ଭାବି ଦେଖ। ଆଶ୍ଚର୍ଯ୍ୟ ! ତୁମେ ଏକ ଆଶ୍ଚର୍ଯ୍ୟ ଚରିତ୍ର। ତୁମର ଅଜ୍ଞତା ପ୍ରତି ଦୟା ଆସେ। ତୁମେ ଯେ କେତେବେଳେ ଯୌବନ ଜ୍ୱାଳାରେ ନିଃଶେଷ ହୋଇଯିବ- ଭାବି ଦେଖିଚ?

ମାନେ?

ତୁମର ଯୌବନର ଆନୁଗତ୍ୟ ସ୍ୱୀକାର- କୌଣସି ପୁରୁଷ ନିକଟରେ, ପରେ, ଟିକିଏ ପରେ ସନ୍ତାନ ପ୍ରସବର ଯନ୍ତ୍ରଣା। ତା'ପରେ ଅସ୍ତ୍ରୋପଚାର ଏବଂ ଏକ ମଲା ଛୁଆର ଜନ୍ମ। ଇସ୍, ତୁମର ଚେତା ବୁଡିଗଲା। ତା'ପରେ ତୁମ ପ୍ରେମିକର ଅବସ୍ଥା- ଦୟନୀୟ- ସାଂଘାତିକ- ଆତ୍ମହତ୍ୟା।

ମୁଁ ଏସବୁର ବହୁ ଉର୍ଦ୍ଧରେ ଏକ ବ୍ୟତିକ୍ରମ ।

---

# ସ୍ମୃତି ସୂର୍ଯ୍ୟମୁଖୀର

**କୃଷ୍ଣଚନ୍ଦ୍ର ଜେନା**

ଆଜିର ଆକାଶରେ ଅନେକ ପ୍ରଳୟ। ଅଫିମ ବର୍ଣ୍ଣର ରାତିଟା ଅଧିକ ଗଭୀର ହେଲାଣି। ବରାବର ବର୍ଷାପାଣିର ଶବ୍ଦ ଏକ ପ୍ରକାର ଆର୍ତ୍ତନାଦ କରୁଥିଲା। ଛାତଉପରୁ ଅନବରତ ପାଣି ଝରିଆସି ମୋ ଝରକା ଦେଇ ପୁଣି ରାସ୍ତାର ପାଣିରେ ମିଶିଯାଉଥିଲା।

ଏ ଅନ୍ଧକାର ମଝିରେ ମୁଁ ବାହାରର କିଛି ଦେଖି ପାରୁନଥିଲି। ରାସ୍ତାରେ କେହି ଯା'ଆସ କରୁନଥିଲେ। ଏହି ଛୋଟିଆ ସହରଟି ସାଧାରଣତଃ ସଂଧ୍ୟାବେଳୁ ବିଶ୍ରାମ ନେଇ ନିଏ- ଆଜି ତ ସହଜେ ବର୍ଷା, ଅନେକ ବେଳୁ ସଭିଏଁ ଶୋଇଯିବେଣି।

ମୁଁ ଆଜି, ଏ ବାହାରର ବର୍ଷା ସହିତ ନିଜକୁ ମିଶାଇ ଦେଇଛି। ଟେବୁଲ ଉପରେ ଛୋଟିଆ ଲ୍ୟାଂପଟି ଜଳୁଛି। ମୁଁ ଯେତେବେଳେ କଲେଜରେ ପାଠ ପଢୁଥିଲି, ସେତେବେଳେ ଏଇ ଲ୍ୟାଂପ ଟା କିଣିଥିଲି। କେତେବାର ସେଥିରେ କାଚ ଭାଜିଲାଣି, କେତେବାର ପୁଣି ଲ୍ୟାଂପ କାଚ କିଣିଲିଣି କିନ୍ତୁ ନୁଆ ଲ୍ୟାଂପଟିକୁ ବଦଳାଇବାକୁ ଇଚ୍ଛା ହୁଏନି। ବହୁଦିନର ସ୍ମୃତି ବିଜଡିତ ଏହି ଦରଭଙ୍ଗା ଲ୍ୟାଂପଟି- ଟିକିଏ ସଳିତାଟି ବତାଇଦେଲି। କାଳେ ବାହାରର ପବନ ରେ ଲିଭିଯିବ। ବାହାରେ ଅନେକ ପବନ। ବୋଧହୁଏ ଏମିତି ରାତିସାରା ବର୍ଷା ଓ ପବନ ଲାଗିରହିବ। ଆଜି ଯେମିତି ମନେ ହେଉଛି ଅନେକ କିଛି ବଦଳି ଯାଇଛି। ମୋର ମନେ ହେଲା- ଏ ବର୍ଷା ଓ ପବନରେ ସଂସାରଟା ଧ୍ୱଂସ ହୋଇ ଯାଆନ୍ତା କି? ନାଁ, ସେ ସବୁ ଭାବି ଲାଭ କ'ଣ? ଉଦାସ ଭାବରେ ବାହାରର ଝରକାଟି ବନ୍ଦ କଲି। ଆଉଥରେ ଇଚ୍ଛା ହେଲା ସେ ନିମନ୍ତ୍ରଣ ପତ୍ରଟି ଦେଖିବା ପାଇଁ।

ଆଜି ଯେତେବେଳେ ପ୍ରଥମେ ଅଫିସକୁ ଯାଇଥିଲି ସେତେବେଳେ ଟେବୁଲ ଉପରେ ଡାକରେ ଆସିଥିବା ନିମନ୍ତ୍ରଣ ପତ୍ରଟି ରଖାଯାଇଥିଲା। ଏମିତି ଅନେକ ନିମନ୍ତ୍ରଣ ପତ୍ର ଆସେ। ଅନେକ ବନ୍ଧୁ ବିବାହକୁ ଜୀବନର ଗୋଟିଏ ବଡ ବିଜୟ ବୋଲି ଭାବନ୍ତି। ସେହି ବିଜୟକୁ ପାଳନ କରିବା ପାଇଁ ବିଭିନ୍ନ ରଙ୍ଗର ନିମନ୍ତ୍ରଣ ପତ୍ର। ଏଇଟା ସେମିତି ନିମନ୍ତ୍ରଣ ବୋଲି ଭାବି ଖୋଲିଥିଲି। ଏଇଟି ଏକ ଅସାଧାରଣ ନିମନ୍ତ୍ରଣ ପତ୍ର। ମୁଁ ପ୍ରଥମେ ବିଶ୍ୱାସ କରିପାରିଲିନି। ସୂର୍ଯ୍ୟମୁଖୀ ବାହାହେବ ବୋଲି ନିମନ୍ତ୍ରଣ ପତ୍ର ପଠାଇଛି। ଯାହାକୁ ବିବାହ କରିବ ତା'ଙ୍କ ନାମ ମଧ୍ୟ ସେଥିରେ ଲେଖା ଅଛି। କୌଣସି ଏକ କଲେଜର ସେ ଅଧ୍ୟାପକ। ଏହି ସେହି ସୂର୍ଯ୍ୟମୁଖୀ। ସେ ବିବାହ କରିବ ବୋଲି ନିଃସଙ୍କୋଚରେ ମୋତେ ଜଣାଇ ପାରିଛି। ସେଥିରେ ମୁଁ ଦୁଃଖିତ ହେବି କି ଆଶ୍ଚର୍ଯ୍ୟ ହେବି ଜାଣିପାରୁନି। ବାହାରେ ପବନ ଆହୁରି ଅଧିକ ହେଲାଣି। ଲଣ୍ଠନଟି ଦୁର୍ବଳ ଭାବରେ ଲଢିବାକୁ ଲାଗିଛି। ନିମନ୍ତ୍ରଣ ପତ୍ରଟି ଆଉଥରେ ପଢିବାକୁ ଇଚ୍ଛା ହେଲା। କେଉଁ ଦିନ ଆଉ କେତେବେଳେ

ଏଠାରେ ପରିବେଷିତ ସମସ୍ତ କାହାଣୀ ଓ କ୍ଷୁଦ୍ର ଗଳ୍ପ ସଂପୃକ୍ତ ଲେଖକ ଓ ସ୍ରଷ୍ଟାକାରଙ୍କ ଦ୍ୱାରା ଅନେକ ଅତୀତର ସ୍ମୃତି ସ୍ୱରୂପ ସଂରକ୍ଷିତ କରି ରଖିଥିଲେ, ବ୍ରହ୍ମପୁର ନିବାସୀ ଶ୍ରୀ ବସନ୍ତ ପଟନାୟକ, ଯେ ନିଜେ ଜଣେ ମହାନ ରଙ୍ଗକାର, ତୁଳୀରେ ଯେ ଲେଖିବସନ୍ତି, ଅସରନ୍ତି କାହାଣୀ କଥାର ଗୁଚ୍ଛ। ତା'ଙ୍କରି ପ୍ରୟାସରେ ଉନ୍ମୋଚନ କରିଥିଲା ପତ୍ରିକା, "ଲେଖା"। ସେହି କାହାଣୀ ସଂଗ୍ରହରୁ ଆମେ ଆପଣଙ୍କ ପାଇଁ ବାଛି ଆଣିଛୁ କିଛି ଗଳ୍ପ ଓ କବିତାର ଉପହାର। ଆଶା କରୁଛୁ ଆପଣଙ୍କୁ ଭଲ ଲାଗିବ। ଯଦି ଆପଣ ''ଲେଖା'' ପୁସ୍ତିକାର ପ୍ରତିଲିପି ପାଇବାପାଇଁ ଇଚ୍ଛୁକ ତେବେ ଆମ ସହ ଯୋଗାଯୋଗ କରିପାରନ୍ତି, ଅଥବା ସଂପର୍କ କରିପାରନ୍ତିଃ ବସନ୍ତ ପଟନାୟକ, ସଂଯୋଜକ, ପୃଥକ୍ ପ୍ରତିବିମ୍ବନ, ଗାନ୍ଧିନଗର-୧, ବ୍ରହ୍ମପୁର-୭୬୦୦୦୧, ଓଡିଶା ଠିକଣାରେ।

# ଆହ୍ୱାନ୍

ସୂର୍ଯ୍ୟମୁଖୀ ସେହି ଭାଗ୍ୟବାନ ପୁରୁଷଙ୍କୁ ନିଜର କରିବ, ସେତକ ଭଲ ଭାବରେ ଦେଖିବାକୁ ଇଚ୍ଛା ହେଲା। ନାଁ, ସେଥିରେ ଆଉ ଶ୍ରଦ୍ଧା ନାହିଁ। ଏଇତକ ଯଥେଷ୍ଟ। ମୁଁ ଖାଲିମନରେ ଅନେକ ତୁଫାନ ସୃଷ୍ଟି କରି ତା'ର ବେଗକୁ ମାପିବାର ଚେଷ୍ଟା କରୁଛି। ବାହାରର ବର୍ଷା ଅଧିକ ଜୋରରେ ରେସ୍ କରିଚାଲିଛି। ଏମିତି ଦିନେ ରାତିରେ ଅନେକ ବର୍ଷା ହେଉଥିଲା। ସେତେବେଳେ ମୁଁ ଗୋଟିଏ ଛୋଟିଆ ସହରରେ ଚାକିରୀ କରୁଥିଲି। ସେହି ସହରର ଉପକଣ୍ଠରେ ଏକ ପ୍ରେକ୍ଷାଳୟରେ ସୂର୍ଯ୍ୟମୁଖୀ ମୋ ସହ ଏକ ନାଟକରେ ଅଭିନୟ କରିଥିଲା। ସେ ନାଟକର ସ୍ମୃତି ଆଜି ବର୍ଷା ପାଣିରେ କାଗଜ ଡଙ୍ଗା ବୁଡିଲା ପରି ବୁଡି ଗଲାଣି। ସେଥିରୁ ଉଦ୍ଧାର କରିବା ପାଇଁ କିଛି ନାହିଁ। ମୋ ଘର ବାଡି ପଟରେ ଯେଉଁ କୃଷ୍ଣଚୁଡା ଫୁଲ ଫୁଟୁଥିଲା ମୁଁ ସୂର୍ଯ୍ୟମୁଖୀର କବରୀରେ ଖୋସି ଦେଉଥିଲି। ଏବେ ସେ ଦାୟିତ୍ୱ ଆଉ କିଏ ନେବ। ସୂର୍ଯ୍ୟମୁଖୀର ଗଭାରେ ଅନେକ ଫୁଲ ମହକି ଉଠିବ। ସୂର୍ଯ୍ୟମୁଖୀ ଶପଥ କରିଥିଲା- ମୋତେ ସେ ବାହାହେବ। ଅନେକ ଦିନ ଧରି ଯେଉଁ ଚିଠିପତ୍ର ସବୁ ଦେଉଥିଲା, ସେହି ସବୁରେ ସେହି ଗୋଟିଏ ମାତ୍ର ତଥ୍ୟ ଥିଲା- ସେ ମୋତେ ହିଁ ଭଲ ପାଇଥିଲା। ସେ ସବୁ ଆଜି କେତେ ମିଛ- ସୂର୍ଯ୍ୟମୁଖୀ ବିଭା ହେବବୋଲି ନିମନ୍ତ୍ରଣ ପଠାଇଛି। ଭାବୁଛି, ତା'ର ସବୁ ପୁରୁଣା ଚିଠି, ତା'ର ସବୁ ରୁମାଲ, ତା'ର ସେହି ଫୋଟୋ ଆଉ ତା'ର ସେହି ଲୁହ ଭିଜା ରୁମାଲ ତା'କୁ ହିଁ ଉପହାର ଦେବି। ସୂର୍ଯ୍ୟମୁଖୀ ଆଉ କୃଷ୍ଣଚୁଡା ପାଇଁ ଖୋଜିବନି- ମୋ ବଗିଚାର କୃଷ୍ଣଚୁଡା ସେହି ଗଛ ମୂଳରେ ହିଁ ଆତ୍ମହତ୍ୟା କରିବ।

ନିମନ୍ତ୍ରଣ ପତ୍ରଟି ଲ୍ୟାଂପଟିର ନିଆଁରେ ମୁଁ ପୋଡି ଦେଇଛି, ସେଇ ପାଉଁଶତକ ବର୍ଷା ପାଣିରେ ଧୋଇହୋଇ ଅସୀମରେ ମିଶିଯିବ। ତା'ପରେ ରାତି ଆହୁରି ଗଭୀର ହେବ। ବର୍ଷା ପାଣିର ଟପ୍ ଟପ୍ ଶବ୍ଦରେ ମୋ ମନର ଭାବନା ଗୁଡିକ ବେତାଳିଆ ହେବାରେ ଲାଗିଲେଣି।ସୂର୍ଯ୍ୟମୁଖୀ ବୋଧହୁଏ ବିବାହ ପାଇଁ ଆୟୋଜନ କରୁଥିବ। ଆମର ଦୀର୍ଘଦିନର ଅନୁଭୁତିକୁ ସେ ଧୋଇ ମାଜି ଅନେକ ଦିନରୁ ଭୁଲି ଯିବଣି। ସେତକ ଯଥେଷ୍ଟ।

ମୁଁ ଶୋଇବା ପାଇଁ ଲଣ୍ଠନଟିକୁ ବିଶ୍ରାମ ଦେଲି। ଅନ୍ଧକାର।

---

# ଖରାବେଳର ଗପ

## ଭାଗ୍ୟଲକ୍ଷ୍ମୀ ମହାରଣା

ହୁଙ୍କା ଭିତରୁ ବାହାରି ଆସିଲା ନାଗ। ପଦ୍ମତୋଳା ଶୁଣିବି ଏମିତି ଝପଟି ଆସିନାହିଁ କେବେ।

ନେଉଳଟେ ଅଟକିଛି ବୁଦା ପାଖରେ। ନାଗକୁ ଦେଖିସାରିବା ପରେ ବି ଛନ୍ଦା ଛନ୍ଦି ପତ୍ର ସନ୍ଧିରୁ ଗୋଡେଇ ଆସୁନାହିଁ।

ଛଣଘର ମାଟିକାନ୍ଥ କଣା ବାଟଦେଇ ମୂଷାଟେ ଉତୁରି ଆସିଛି, ବାହାରକୁ ଜୁଳୁଜୁଳୁ କରି ଚରିଦିଗକୁ ଅନାଇ କିଛି ଖୋଜି ହେଉଛି। କାନ୍ଥବାଡରେ ପିଂପୁଡି ଆଉ ଜନ୍ଦାମାନଙ୍କ ମେଳା ଲାଗିଛି। ଅସରପା କେତୋଟି ଫଡଫଡ ହୋଇ ବାହାରକୁ ଉଡିଆସୁଛନ୍ତି।

ଉଦୁଉଦିଆ ଖରାବେଳରେ ମାଟି ତାତି ଗଲାଣି। ସଭିଏଁ ଖୋଜୁଛନ୍ତି ଛାଇଟିକେ। ଗାଆଁର ଶେଷମୁଣ୍ଡରେ, ନଇପଠାରେ- ଏକୁଟିଆ ଠିଆ ହୋଇଥିବା ନିତିଆ ଅଜାର ନୁଆଁଣିଆ ଛଣଘର ଚାରିପାଖେ ଭିଡ ଜମିଛି। ହେଲେ ଗଛ କି ବୃଛ ଗୋଟେ ଦିଶୁନାହିଁ ଆଖ ପାଖରେ। ଛାଇ କେଉଁଠୁ ମିଳିବ।

ଘର ପଛପାଖରେ ପୋତା ହେଇଛି ଗୋଟେ ବାଉଁସ ଖୁଣ୍ଟ। ସଫା ଧୋତିଟିଏ ସହିତ ଆପଣାର ଗୋଟେ କସ୍ତାଲୁଗା ଯୋଡି ବାଉଁସ ଖୁଣ୍ଟରୁ ଛଣତଳୁ ନହକା ଦଉଡି ଖଟଟାରେ ପକେଇ ଚଡା ସ୍ୱରରେ ଡାକିଲା, "ହେ ବୁଡା ! ଏପଟକୁ ଆସ। ଛାଇ ଟିକେ କରିଦେଲି। ଏଇଠି ବସିଲେ ଟିକେ ଆରାମ ଲାଗିବ।"

ନାଗ, ନେଉଳ, ମୂଷା ଓ ଅସରପା ସଭିଏଁ କାନ ଡେରିଲେ।

ନାଲିଗାମୁଛା ବେଡେଇ ହୋଇ ଖାଲି ଦେହରେ ବାହାରି ଆସିଲା ନିତିଆ ଅଜା। ବଙ୍କୁଲି ବାଡିଟି ଠୁକୁ ଠୁକୁ କରି ବସିଗଲା ଖଟ ଉପରେ।

"ଏତେ ଝାଳ ବହି ଯାଇଛିଟି ଦେହରୁ ! କି ନିଆଁ ଲଗା ଖରା ହେଉଛି ବା। ମଣିଷ ଯାହା ଦହଗଞ୍ଜ ହେଲାଣି।"

ନିତିଆ ଅଜା ଦେହର ଝାଳ ପୋଛି ଦଉ ଦଉ ନଖି ଆଈର ଆଖି ଝଲସି ଉଠିଲା।

"ଏ ବୁଢ଼ା ! ଟିକେ ଗଡିପଡ ବା ଏଇଠି। କେତେ କହିଲି- ସହରକୁ ଯାଅ ପୁଅ ଘରକୁ। ଗଲନି, ସିଏ ଯୋଉ ଯନ୍ତ୍ରଟା ଲଗେଇଛି ଛାତ ଉପରେ- ଖାଲି ଥଣ୍ଡା ପବନ ତା' ଭିତରୁ ବାହାରୁଛି। ସେଠିକୁ ଗଲେ ଭଲରେ ଶାନ୍ତିରେ



ଶୁଅନ୍ତ ନାହିଁ। ବୋହୁଟା କିରି କିରି ହେବ ବୋଲି ଗଲନି। ନହେଲା ନାଇଁ, ଝିଅ ଘରକୁ ତ ଯାଇପାରନ୍ତ। କୋଠାଘର ଛାତତଳେ ଫେଏନ ଲାଗିଛି। ଏତେ ଗରମ ତ ହେଉନଥିବ। ହେଇ ପରା, ଦିଇଟା ଗାଁ ଖେଦି ଗଲେ ଆର ଗାଁ ଟା ଦିଶୁଛି। କହିଲ କଣ ନା, ନଇପଠାର ଖରାଦିନିଆ ପବନ ଛାଡି ଯିବାକୁ ମନ ହେଉନି। ଏବେ ଦେଖ, ଛାଇ ନାହିଁ କି ପବନ ନାହିଁ। କେମିତି ସମ୍ଭାଳିବ ତୁମ ଦିହ।"

ନିତିଆ ଅଜା ଆଉଜି ବସିଲା ନଖି ଆଈକୁ।

"ମ ! ଇଏ କି କଥା ! ଘର ଭିତରେ ସିନା ଆଉ କିଏ ନାହିଁ। ବାହାରୁ ଯଦି କିଏ ଆସିଯାଏ କଣ ଭାବିବ କହିଲ? ଘୁଞ୍ଚିକି ବସ"

ଆଖି ମିଟିମିଟି କରି ଦୁରରୁ ଚାହିଁଥିଲେ ନାଗ, ନେଉଳ, ମୁଷା। ଜନ୍ଦା ପିଂପୁଡିମାନେ ଖଟବାଡର ଛାଇ ତଳକୁ ଧାଡି ଲଗେଇଦେଲେଣି। ଅସରପା ଝପି ଗଲେଣି ଲୁଗା

ବାତରେ।

ନିତିଆ ଅଜା ନଖି ଆଇର ପଣତ କାନିରେ ମୁହଁ ଘୋଡେଇ ଖିଅ ଧରିଛି ରଜଦୋଳି ଗୀତର।

କ୍ରମଶଃ। ଛାଇ ମାଡିଯାଉଛି ହୁଙ୍କା ଆଡକୁ, ବୁଦା ମୂଳକୁ, ଦଦରା ମାଟି କାଛ ଉପରକୁ।



# ଶୀତ ଆସିଛି

**ସରୋଜକାନ୍ତ ମହାପାତ୍ର**

ଏ ମିତା, ଏ ସହରକୁ ତୋ' କେବଳ ଶୀତ ଆସିଛି। ଦରଜଳା ଚୁଲି ଧାସକୁ ପଛକରି ବସିଥିବା ପୁଷି ବିଲେଇ ପରଇ ଏମିତି ହାତଗୋଡ ଯୋଡିହୋଇ ଶୋଇଥିବୁ, ନା କଣ କାମଧାମ କରିବୁ ଯେ?

ନାଇଁଲୋ ନାଇଁ- ଏ ସହରକୁ ମୋ' ପାଇଁ ଏ ବଉଳିଆ ଶୀତ ଆସିଛି। ଦେଖୁନୁ ଶୀତ କେମିତି ପହଁରୁଚି ପିଚୁ ରାସ୍ତାରେ, ବଜାର ଘାଟରେ, ଦାଣ୍ଡ ବାରଣ୍ଡାରେ, ଫଲର ଡେଂଫରେ। ଏ ବଜାରୀ ଶୀତକୁ ବି ଖରା କାଟୁନି ପରା। ଓଃ, ଫୁଲେଇ ଶୀତଟା କେବଳ ତାଳିପକା ପିଚୁ ରାସ୍ତାରେ ଅଟକି ଯାଆନ୍ତାକି? ନା, ଡିଆଁଳିଆ ଶୀତଟା ତ ଡେଇଁଚି ଦିହରୁ ଦିହକୁ, କୋଠାରୁ କୋଠାକୁ। ବେକ ତଳେ ଶୀତ, କାଖତଳେ ଶୀତ, ଆଙ୍ଗୁଠି ସନ୍ଧିରେ ଶୀତ ପଶି ପରା ବହେ କୁତୁକୁତୁ କରିସାରିଲାଣି। ଏମିତି ଦିନେ ନାଇଁ କି, ଦି ଦିନ ନାଇଁ- ଲାଗଲାଗ ପନ୍ଦର ଦିନ ହେଲା କୋହଲା ଶୀତଟା ଗେଲ କରୁଚି ପିଲାଠୁ ବୁଡାଯାଏଁ। ଆଲୋ ବୋଉଲୋ। ଶୀତର ଗେଲରେ ପାଖ ସାହିର ତିନିଟା ଭିକାରୀ ବୁଡା ଠକ୍‌ଠାକ୍ ଥଣ୍ଡା ହୋଇଗଲେ। ଚୁଲି ତ ନାଇଁ, ରଇ ନିଆଁ ସେମାନଙ୍କୁ ଦରକାର ପଡିଲା, ଘରେ ଥିବା ଲୋକଙ୍କୁ ସିନା ଏଟା କିଛି ନାହିଁ, ହେଲେ ବାରବୁଲାଙ୍କ ପାଇଁ!!!!

ଆରତୀ କହିଲା- ଯା'ଲୋ ଯା', ତୋ ପାଇଁ ଖାଲି ଏ ଶୀତ। ଶେଯ ଉପରେ ଶୋଇ ଦି'ଚାରିକପ୍ ଗରମ ଚାହା ପିଇ ନି କେଉଁ କୋଣରେ ଶୀତଟା ତୋର ଗୁଡେଇ ହୋଇ ରହିଯାଇଛି ଯେ?

ମୀତା- ଦେଖୁନୁ, ଶୀତ ମୋ ଦେହରେ ଗୁଡେଇ ହେଇଚି ବୋଲି ତ ମୁଁ ରେଝେଇ ଗୁଡେଇ ହେଇଚି। ନ ହେଲେ ପୁଙ୍ଗୁଳା ଦିହରେ ବୁଲିବାକୁ ମୋର କ'ଣ ସଉକ ନାହିଁ? ତୋ ଦିହରେ ବେଶି ଚର୍ବି ତ, ତେଣୁ ଶୀତ ଖସି ଯାଉଛି। ହେଲେ ମୋର ତ ଡାଙ୍ଗ ପରି ଦେହ। ହାଡ ଗଣ୍ଡାଏ କୁ ଚମଡାଟିଏ। ସେଥିପାଇଁ ଶୀତ ଚିଇଁ ଯାଉଚି ମୋ ହାଡ ଭିତରକୁ। ତୋ ଦିହରେ ଶୀତ ପଶିବାକୁ ପରା ତିନିବର୍ଷ ଲାଗିବ।

ଆରତୀ ଏଥର କାନ୍ଦିଲା। ସେ କାନ୍ଦ ଆଉ ବନ୍ଦ ହେବାର ନୁହେଁ। ତୁହାକୁ ତୁହା କାନ୍ଦ। ଆଖିରୁ ଲୁହର ଧାଡ଼ ନିଗିଡି ପଡୁଥିଲା, ଠିକ ନୁଆଁଣିଆ ଚାଳ ଉପରୁ ବର୍ଷା ପାଣି ନିଗିଡିଲା ପରି। ହଠାତ୍ ହସଖୁଶିରୁ କାନ୍ଦଟା କେମିତି ଆରତୀ ଆଖି ଭିତରକୁ ଲୁହ ହୋଇ ପଶିଗଲା, ସେ କଥା ମୀତା ଆଗ ଜମା ବୁଝି ପାରିଲାନି।

ମୀତା ଅନୁମାନ କରି ବୁଝିଲା। ଆରତୀର ମନ କଥା, ତା' ଲୁହର ଭାଷା। ଏକା ହଷ୍ଟେଲ୍‌ରେ ସେମାନେ ତିନି ବର୍ଷତଳେ ରହୁଥିଲା ବେଳେ ଆରତୀର ମାଆଙ୍କର ଶେଷ ଯବନିକା ପଡିଥିଲା। ଶୀତରୁ ଥଣ୍ଡା, ଥଣ୍ଡାରୁ ଜ୍ୱର, ଜ୍ୱରରୁ ଏମିତି କ'ଣ ହୋଇ ଶେଷରେ ତା' ମାଆ ଚାଲିଗଲେ ଆର ପାରିକୁ। ମାଆର କୋଳର ଉଷୁମରେ ଯିଏ ଏଡିକିଟିଏରୁ ଏଡେବଡୁଟିଏ ହୋଇଥିଲା, ସେ କେମିତି ବା ଭୁଲୁ ଯାଆନ୍ତା ତା'କୁ। ଶୀତର ଲମ୍ବା ହାତର ସ୍ପର୍ଶରେ ଆରତୀ ଅନେକ ସମୟରେ ରୁକ୍ ରୁକ୍ ହୋଇ ଜଳିଉଠେ। ମାଆର ସ୍ନେହ, ମମତା ବନ୍ଧନ ସବୁ ତା'କୁ ଅକ୍ଟୋପସ୍ ପରି ଜାବୁଡି ଧରନ୍ତି।

ଆରତୀ ଆଣ୍ଠୁତଳେ ମୁହଁ ଗୁଞ୍ଜି କାନ୍ଦୁଥିଲା। ମୀତା କଣ କରିବ କଣ ନାହିଁ କିଛି ଭାବି ନପାରି ତା' କାନରେ ଏମିତି କହିଲା- ଏ ଆରତୀ, ଶୀତ ଆଉ ଏ ସହରରେ ନାହିଁ। ଡିଆଁ ମାଙ୍କଡଙ୍କ ପରି ଡେଇଁ ଡେଇଁ ଦିଲ୍ଲୀ ଚାଲିଗଲାଣି। ଏଇ ହଷ୍ଟେଲ୍ ଭାରି ଉଷୁମ। ଏଇନେ ଗୋଲାପର ତୋଡା। ହଁ, ତୋର ଆଜି ରବୀନ୍ଦ୍ର ମଣ୍ଡପରେ ଗୀତ ପ୍ରୋଗ୍ରାମ୍ ଅଛି ପରା। ସମୟ ହେଇଗଲାଣି। ତେଣେ ସଭିଏଁ ତୋର ଅପେକ୍ଷାରେ ଥିବେ।

ଆରତୀ କିଛି ନ କହି ଉଠିଗଲା ବସିବା ଜାଗାରୁ। ସେ ଜାଣିଚି, ଶୀତ କେବଳ ଗରିବଙ୍କ ପାଇଁ ନୁହେଁ- ସମସ୍ତଙ୍କ ପାଇଁ। ଏ ଦିନେ କିଏ ମଲା, କିଏ ଗଲା ତା' ଭାବି ବସିଲେ ନିଜେ ହିଁ ଦୁହିଁହେବା ସାର।

ମନ ଭିତରୁ ଶୀତର ଦାଡକୁ କାଟି ଆରତୀ ନିଜକୁ ସଜାଡିଲା ରବୀନ୍ଦ୍ର ମଣ୍ଡପକୁ ଯିବା ପାଇଁ। ସେତେବେଳେ ବି ଶୀତ ସେମିତି ହସୁଥିଲା। ବିଲେଇ, କୁକୁର ରାସ୍ତା କରକୁ ଜାକିଜୁକି ହୋଇ ବସିଥିଲେ। ଆରତୀ ବିନା ଆପ୍ରନ୍ ଓ ମଫଲରରେ ମୀତାକୁ ଧରି ଏପଟ ଆଖି ବୁଲେଇ ରବୀନ୍ଦ୍ର ମଣ୍ଡପ ଆଡକୁ ପାଦ ବଢାଉଥିଲା। ସେତେବେଳେ ସେ ପୁରା ଭୁଲିଯାଇଥିଲା ପ୍ରକୃତରେ ଏ ସହରକୁ ଶୀତ ଆସିଛି, ନା ଶୀତ ଯାଇଛି।

# ଶିଳ୍ପୀ ଗୁରୁ ବିମ୍ବାଧର ବର୍ମା

**ବସଂତ ପଟନାୟକ**

ଶିଳ୍ପୀଗୁରୁ ବିମ୍ବାଧର ବର୍ମା। ପ୍ରକୃତିର ଜଣେ ସାଧକ ପୂଜାରୀ ରୂପେ ନିଜେ ନିଜେ ଅଧ୍ୟବସାୟ କରି ସେ ନିଜକୁ ପ୍ରତିଷ୍ଠିତ ଶିଳ୍ପୀ ରୂପେ ଗଢି ତୋଳିଥିଲେ। ଜନ୍ମ ତାଙ୍କର ୧୯୦୧ ମସିହା ଅଗଷ୍ଟ ମାସ କଟକ ଜିଲ୍ଲାର କୁସୁପୁର ଗ୍ରାଂରେ। ପିଲାଟି ଦିନରୁ ମାଟି କାଦୁଅ ଚକଟି ମୂର୍ତ୍ତୀ ତିଆରି କରିବାରେ ଧୂରନ୍ଧର। ତରୁଣ ବୟସରେ ବର୍ମା ମୂର୍ତ୍ତି ଗଠନ କରିବା ସହ ଚିତ୍ର ଆଙ୍କିବା, ଯାତ୍ରାରେ ଅଭିନୟ କରିବା ଓ ମଂଚ ସାଜସଜ୍ଜାରେ ବିଶେଷ ଧ୍ୟାନ ଦେବା ଲକ୍ଷ୍ୟ କରାଯାଇଥିଲା।



ବିମ୍ବାଧର ବର୍ମାଙ୍କର ଚିତ୍ରକଳାର ଏକ ସ୍ୱାତନ୍ତ୍ୟ ରହିଛି । ଓଡିଶାର ପୁରପଲ୍ଲୀର ନିଖୁଣ ଛବି ଆଙ୍କିବାକୁ ସେ ବହୁତ ଭଲ ପାଉଥିଲେ। ମଧୁସୂଦନ ଦାସଙ୍କ ଅନୁରୋଧରେ ଅଙ୍କିତ 'ଉତ୍କଳ ଜନନୀ' ଚିତ୍ରଟି ବହୁ ପ୍ରଶଂସିତ । ଚିତ୍ରକଳା ଓ ସାହିତ୍ୟ ସହ ନିବିଡ ସଂପର୍କ ସ୍ଥାପନ କରି ସେ ନିୟମିତ ଛବି ଆଙ୍କି ସୁନାମ ଅର୍ଜନ କରିଥିଲେ। 'ପଲ୍ଲୀବଧୂ' ତାଙ୍କର ଏକ ସଫଳ କୃତି।

ଅନେକ ପ୍ରଶଂସାର ଅଧିକାରୀ ହୋଇ ସୁଦ୍ଧା ଶିଳ୍ପୀ ବିମ୍ବାଧର ବର୍ମାଙ୍କୁ ସମାଯରେ ବଞ୍ଚିରହିବା ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା। ଆର୍ଥିକ ଅଭାବ, ନିଃସନ୍ତାନ ହେବା ଦୁଃଖ ଠାରୁ ବହୁ ପ୍ରତିଷ୍ଠିତ ଲୋକଙ୍କ ଦ୍ୱାରକୁ ଯାଇ ଛବି ବିକ୍ରି କରି ଅର୍ଥ ସଂଗ୍ରହ କରିବାର ମାନସିକତା ତାଙ୍କ ମନକୁ ବହୁତ ଆଘାତ ଦେଇଥିଲା । ବଞ୍ଚିବା ପାଇଁ ଅର୍ଥର ଆବଶ୍ୟକତାକୁ ହୃଦୟଙ୍ଗମକରି ତା' ଅନେକ ସମୟରେ ସେ ନ ପାଇ ନିଜକୁ ପାଗଳ ମନେକଲା। ତାଳଚେର ରାଜାଙ୍କ ଦରବାରରେ ରହି କଠୋର ପରିଶ୍ରମ କରି ସୁଦ୍ଧା ସେ ନିଜକୁ ହତାଶ ମନେକଲେ।

୧୯୫୨ ବେଳକୁ ତାଙ୍କର ସ୍ୱାସ୍ଥ୍ୟହାନୀ ଘଟିଲା। ଚିକିତ୍ସା ନିମନ୍ତେ ରଙ୍ଗ ଆଉ ତୂଳୀ ଧରି ଛବି ଆଙ୍କି ଭିକାରୀମାନଙ୍କ ଭଳି ଘର ଘରକୁ ବୁଲି କେବଳ ନିରାଶବାଣୀ ଶୁଣିଲେ। ଇଏ ସେହି ଓଡିଆ ମାଟି। ଉତ୍କୃଷ୍ଟକଳାର ସଂକେତ ବହନକରି ନାଆଁ କରିଛି 'ଉତ୍କଳ'। କଳା ଏଠି ପ୍ରଚୁର । କଳାକାର ଏଠି ନିଃସ୍ୱ । ଜଣେ ପ୍ରତିଭାବାନ ଶିଳ୍ପୀଙ୍କ ଜୀବନରେ ଏଇଠି ଦୁର୍ବିସହ । ଶିଳ୍ପୀଙ୍କ କୃତିରେ ସମସ୍ତେ ଏଠି ଶତମୁଖର। ସୃଷ୍ଟିକୁ ଭୁରି ଭୁରି ପ୍ରଶଂସା ଅଥଚ ସ୍ରଷ୍ଟାଙ୍କୁ ଆଦରି ନେବାରେ ଆପଣେଇ ନେବାରେ ଏ ମାଟିର ଆଉ ଏ ମାଟିର ମଣିଷ ଅବହେଳାର ଚରମସୀମା ପ୍ରଦର୍ଶନ କରିବାରେ କୁଣ୍ଠାବୋଧ କରିବେନାହିଁ। ତଥାପି ଶିଳ୍ପୀ ନିର୍ବିକାର। ହାତରୁ ତୂଳୀ ଖସୁନି। ରଙ୍ଗ ହଜି ଯାଉନି।

୧୯୫୩ ମସିହା, ରୋଗବ୍ୟାଧିର ଶୀକାର ହୋଇ ଯଶସ୍ୱୀ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ଚିରଦିନ ପାଇଁ ପୃଥିବୀରୁ ବିଦାୟ ନେଇଥିଲେ । ଆଜି ଏ ମାଟିରେ କାହିଁକିଏ ସଂଜଦୀପଟିଏ ବି ଜାଳୁଥିବ କି ନାହିଁ ସନ୍ଦେହ। ମଣିଷ ଭୁଲିଯାଏ ମଣିଷକୁ । ହେଲେ ସମୟ ଭୁଲେନି। ଆଜି ଏମିତି ମଣିଷମାନଙ୍କୁ ତିଆରି କରିବାକୁ ପଡିବ ଯେଉଁମାନେ ମଣିଷ ମନର ହୃଦୟ ତନ୍ତ୍ରୀର ସ୍ପନ୍ଦନକୁ ଶୁଣିପାରିବେ, ବୁଝିପାରିବେ। କଳାକୁ ଯେତେ ଆଦର କରିବେ, କଳାକାରକୁ ସେତେ ଆପଣାର କରିବେ।



# ପାହାଡ କଥା କହିଲା

ଥରେ ଗୋଟିଏ ପିଲା ଜଙ୍ଗଲକୁ ଯାଇଥିଲା, ଚତୁର୍ଦ୍ଦିଗରେ ନୀରବତା। ସେହି ଜଙ୍ଗଲରେ କେବଳ ପବନ ଓ ଗଛ ହଲୁଥିବାର ଶବ୍ଦ ଶୁଣାଯାଉଥିଲା। ସେ ପିଲାଟି ଭୟରେ ଚିତ୍କାର କଲା- ଭୂତ। ତାହାର ଚିତ୍କାର ପାହାଡରେ ବାଧାପାଇ ଫେରି ଆସିଲା। ତାକୁ ଶୁଣାଗଲା-ଭୂତ।

ସତରେ ଭୂତ ଅଛି ବୋଲି ପିଲାଟି ବିଶ୍ୱାସ କଲା। ଏବେ ସେ ହାତମୁଠା ଟାଣ କରି ପୁଣି ଚିତ୍କାର କଲା- ତୁ ମୋତେ ଖାଇବୁ? ପାହାଡରେ ବାଧାପାଇ ତା ସ୍ୱର ପୁଣି ଫେରି ଆସିଲା। ସେ ବୁଝିନେଲା ଯେ ଭୂତ ତାହାକୁ ସେହି ପ୍ରଶ୍ନ ପଚାରୁଛି। ତେଣୁ ସେ କହିଲା- ହଁ ମୁଁ ତତେ ଖାଇବି। ଏ ସ୍ୱର ମଧ୍ୟ ବାଧାପାଇ ଫେରି ଆସିଲା। ତେଣୁ ସେ ଭୟରେ ନିଜ ଘରକୁ ଫେରି ଆସିଲା ଓ ତା'ର ମା'କୁ ସବୁ କଥା କହିଲା। ମା' ପ୍ରକୃତ କଥା ଜାଣିପାରିଲେ। ଆଉ କହିଲେ,



"ପୁଅ, ତୁ ଆଉଥରେ ଜଙ୍ଗଲକୁ ଗଲେ ସେ ଭୂତକୁ କହିବୁ- ମୋ ପ୍ରିୟ ବନ୍ଧୁ, ମୁଁ ତୁମକୁ ଭଲପାଏ।" ଏହାପରେ ପିଲାଟି ଯେବେ ଜଙ୍ଗଲକୁ ଗଲା, ସେ ଚିତ୍କାର କଲା- ହେ ମୋର ପ୍ରିୟ ବନ୍ଧୁ, ମୁଁ ତୁମକୁ ଭଲ ପାଏ। ପାହାଡ ପାଖରୁ ସେଇ ପ୍ରତିଧ୍ୱନି ଶୁଣାଇଦେଲା। ପିଲାଟି ବୁଝିଗଲା ଯେ ଏଥର ଭୂତ କାହାକୁ ଭୟ ଦେଉନାହିଁ। ସେ ପୁଣି କହିଲା- ମୁଁ ତୁମକୁ ଭଲପାଏ। ସେଇ ଶବ୍ଦ ପାହାଡରେ ବାଧାପାଇ ଫେରି ଆସିଲା। ତାହା ଶୁଣି ପିଲାଟି ଖୁସିରେ ନାଚି ଉଠିଲା।

# ଧେତ୍ ତେରୀ

ପ୍ରଫୁଲ୍ଲ କୁମାର ସାମନ୍ତରା

ବୁଝିଲୁ କିରେ ମଠୁଆ, ଗଳି ପଧାନର ଦାଣ୍ଡରେ ବାଟରେ ଦେଖିଲେ ମୋ ସହିତ କଥା ହେଉଛି। ଆସିବା ମଙ୍ଗଳବାରେ ତା ଝିଅ ବିଭା ଭୋଜିରେ ମାଉଁସ କରିବ। ମତେ ପଦେ କହିଲାନି କି ନିମନ୍ତ୍ରଣ କରିନାହିଁ। କେତେଦିନ ହେଲା ମାଉଁସ ଖାଇନାହିଁ। ମାଉଁସ କେଜି ଶହେ ପଚାଶ ଆଡକୁ ଡୁକିଲାଣି। ଖାଇବା ପାଇଁ ମନ ହେଉଛି ହାତରେ ପଇସା ନାହିଁ। ଏବେ ଭୋଜି

କଥା ଶୁଣିଲେ ପାଟିରୁ ଲାଳ ଗଡିଯାଉଛି । ଭାବୁଚି, ଏଥର ଗୋଟେ ଉପାୟ ଖଞ୍ଜିବି । ପଧାନ ଡାକିନି ନ ଡାକୁ, ଗହଳି ଭିତରେ ପଶିଯାଇ କାମଟା ହାସିଲ କରିବି । ଚଟାପଟ୍ ଭୋଜିଖିଆ ଆସନରେ ବସିପଡି ଖାଇବା ବେଳେ ତଳମୁହାଁ ହୋଇ ଖାଇବି, ଆଦୌ ଉପରକୁ ମୁଣ୍ଡ ଟେକିବି ନାହିଁ, ବଡାଳି ଯାହା ଦେଲେ ହୁଁ କରୁଥିବି । ମାଉଁସ ଯେତେଥର ଦେଲେ ଖାଇବି ନ ଦେଲେ ଏକା ଏ ଖଲିରେ ମାଉଁସ ଦିଅ ବୋଲି ଲାଜଛାଡି ମାଗିବି । ଅରୁଚି ପାଟିକି ସୁଆଦ ହେଲେ ଗଲା । ଆଉ ସେଦିନ ବରଯାତ୍ରୀ ଭାବରେ ମଧ୍ୟ ଭୋଜିଖାଇ ଯିବି । ଏ ଯୁଗକୁ ଲାଭଟା ପ୍ରଥମେ ଚିନ୍ତା ନ କଲେ ଅସୁବିଧା ।

ହଇରେ ପଣ୍ଡିତ ପିଲା, ଏତେ ନଅଙ୍କିଆ ରଙ୍କି ଭଳିଆ କାଇଁକି ହଉଚୁ । ବିନା ନିମନ୍ତ୍ରଣରେ କାହାର ଭୋଜି ଖାଇଯିବୁ? ବିନା ଡାକରାରେ ବରଯାତ୍ରୀ ହେବୁ? ଏଇଟା ତତେ ପସନ୍ଦ ହେଉଛି?

ନାଇଁରେ ମଠୁଆ, ସ୍ୱାର୍ଥ ସୁବିଧାଟା ମୂଳ ବୋଲି ସବୁବେଳେ ଭାବେ, ଅଭାବରେ ସ୍ୱଭାବ ନଷ୍ଟ କରିବି ନାହିଁ ବୋଲି ଏ ଚିନ୍ତା କରିଛି । କହିଲୁ, ମୋ' କଥା ଠିକ୍ କି ନାହିଁ ।

ଆରେ ମାହାଳିଆ ଫିନାଇଲ୍ କିଏ ଦେଲେ ପିଇଦେବୁ ବୋଧ୍‌ହୁଏ । ଆଉ କଣ କହିବି । ତୋର ଲାଜ ଫାଜ କିଛି ନାହିଁ । ଧେତ୍ ତେରୀ ।।।।।

# ସପ୍ତଦଶ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ

## ଟିକେ ଖୁସି, ପ୍ରଚୁର ଦୁଃଖ

୧୯୯୨, ୧୯୯୩ ଏବଂ ୨୦୦୩, ୨୦୦୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଗତ ୩୦ ତାରିଖ ସଂଧ୍ୟାରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇ ଯାଇଛି । ରାଜ୍ୟ ସଂସ୍କୃତି ବିଭାଗ ଉତ୍ସବର ମୂଖ୍ୟ କର୍ତ୍ତା ସାଜିଥିବା ବେଳେ ରାଜ୍ୟ ସଂଗୀତ ନାଟକ ଏକାଡେମୀ ଓ ଓଡିଆ ସିନେକ୍ରିଟିକ୍ ଆସୋସିଏସନ୍ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ପୁର୍ବରୁ ଓଡିଆ ସିନେକ୍ରିଟିକ୍ ଆସୋସିଏସନ୍ ନିଜସ୍ୱ ଉଦ୍ୟମରେ ଅନେକ ସୁନ୍ଦର କାର୍ଯ୍ୟକ୍ରମର ଆୟୋଜନ କରି ଆସିଛି ଏବଂ ଜାତୀୟ ସ୍ତରର ଅନେକ ନାମୀଦାମୀ ତାରକାଙ୍କୁ ଆମନ୍ତ୍ରିତ କରିଛି । କିନ୍ତୁ ଚଳିତ ବର୍ଷର ସରକାରୀ ଉତ୍ସବଟି ନନ୍ଦିତା ଦାସଙ୍କ ଉପସ୍ଥିତି ସତ୍ତ୍ୱେ ଗଣ୍ଡଗୋଳିଆ ତଥା ଫିକା ଫିକା ଲାଗିଲା । ସରକାରୀ ବାବୁମାନଙ୍କର ଆୟୋଜନ ଅବଶ୍ୟ ସବୁବେଳେ ଏହିପରି ଗଣ୍ଡଗୋଳ, କୋଳାହଳ, ବିରକ୍ତିକର ପରିଚାଳନା ଓ ପରସ୍ପର ଟେକାଟେକିରେ ହିଁ ସମାପ୍ତ ହୋଇଥାଏ । ତେବେ ଆସନ୍ତୁ, ଏଥର ଉତ୍ସବର କେତୋଟି ନମୁନା ଦେଖିବା ।

## ସ୍ୱର୍ଗରେ ପୁରସ୍କାର

୧୯୯୨ ଓ ୧୯୯୩ର ପୁରସ୍କାର ଘୋଷିତ ହେବାର ୧୪ବର୍ଷପରେ ପୁରସ୍କାର ପ୍ରଦାନ କରାଗଲା । ପୁରସ୍କାର ଘୋଷଣା ପରେ ପରେ ହର ପଟନାୟକ, ଅନୀତା ଦାଶ ଓ ଅଶୋକ ଲେଙ୍କା ଅଦାଲତର ଦ୍ୱାରସ୍ଥ ହେବାରୁ ଏହି ପୁରସ୍କାର ସେତେବେଳେ ପ୍ରଦାନ କରାଯାଇ ପାରିନଥିଲା । ପୁରସ୍କାର ପ୍ରଦାନ ବେଳକୁ ୧୯୯୩ର ଜୟଦେବ ପୁରସ୍କାର ବିଜେତା ପ୍ରଖ୍ୟାତ ଅଭିନେତା ବ୍ୟୋମକେଶ ତ୍ରିପାଠୀ, ୧୯୯୨ର ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ସଚ୍ଚିଦାନନ୍ଦ ରଥ, ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଲକ୍ଷ୍ମୀଦେବୀ, ୧୯୯୩ର ଶ୍ରେଷ୍ଠ ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି ଓ ୧୯୯୨ର୍ଯ ଶ୍ରେଷ୍ଠ କାହାଣୀକାର ହିମାଂଶୁ ଦାସ ଆଉ ଇହଧାମରେ ନାହାନ୍ତି । ଯା'ହେଉ ସାଥୀ କଳାକାର ମାନଙ୍କ ଅସହିଷ୍ଣୁତା ଏବଂ ନ୍ୟାୟ ପାଳିକା ଓ ସରକାରଙ୍କ କଚ୍ଛପଗତି ପାଇଁ ଏହି ବରେଣ୍ୟ କଳାକାରମାନେ ସ୍ୱର୍ଗରେ ଥାଇ ଏଇ ମରଣୋପରାନ୍ତ ସମ୍ମାନକୁ ଉପଭୋଗ କରୁଥିବେ । ଅବଶ୍ୟ ଇଂରେଜୀରେ ଗୋଟିଏ କଥା ଅଛି,"ଯଶ ହେଉଛି ସେହି ଗଛର ଫଳ, ଯାହା କେବଳ ମଲା ଲୋକ ହିଁ ଖାଆନ୍ତି ।"



## ଶିଶୁ କଳାକାର, ବୟସ ବାଇଶି

ସେହିପରି ୧୯୯୨-୯୩ରେ ଶିଶୁ କଳାକାର ଭାବରେ ପୁରସ୍କୃତ ମାଷ୍ଟର ଦୀପାୟନ ଓ ମାଷ୍ଟର ତରୁଣ ଏବେ ଯୁବକ ଏବଂ ରାଜ୍ୟ ବାହାରେ ପଡାପଢିରେ ବ୍ୟସ୍ତ । ଶିଶୁକଳାକାର ପୁରସ୍କାର ନେବାକୁ ଯୁବକଟିଏ ମଞ୍ଚକୁ ଯିବା ହାସ୍ୟାସ୍ପଦ ନିଶ୍ଚୟ । ଏମିତିତ ଦିନ ବି ଆସିପାରେ, ଯେତେବେଳେ କି ବୁଢାବେଳେ ଯାଇ ଶ୍ରେଷ୍ଠ ଶିଶୁକଳାକାର ପୁରସ୍କାର ମିଳିବ । ହାୟରେ ଦୁର୍ଭାଗା ଦେଶ । ଅନ୍ୟ ଏକ ଘଟଣା କ୍ରମରେ ୧୯୯୩ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଚିତ୍ରନାଟ୍ୟ ପୁରସ୍କାର ହାସଲ କରିଥିବା ନିର୍ଦ୍ଦେଶକ ସୁଶାନ୍ତ ମିଶ୍ର ନିଜ ବାହାଘର ଭୋଜିରେ ବ୍ୟସ୍ତ ଥିଲେ । "ଇନ୍ଦ୍ରଧନୁର ଛାଇ"ପରି ଚଳଚ୍ଚିତ୍ର ତିଆରିକରି ରାଜ୍ୟ ସରକାରଙ୍କଠାରୁ ପୁରସ୍କାର ପାଇଲା ବେଳକୁ "ସଂସାରୀ" ପୁରସ୍କାରଟି ବି ମିଳିଗଲା ।

## ଅଧା ଓଡିଆ, ପ୍ରିୟ ଓଡିଆ

ନିଜର ସଂକ୍ଷିପ୍ତ ଭାଷଣରେ ଅଭିନେତ୍ରୀ ନନ୍ଦିତା ଦାସ କହିଲେ ଯେ ସେ ଅଧା ଓଡିଆ, କାରଣ ବାପା ତାଙ୍କର ଓଡିଆ ଏବଂ ମା ଗୁଜୁରାଟୀ । ତଥାପି ବେଶ ଭଲ ଓଡିଆ କହିପାରନ୍ତି ନନ୍ଦିତା । ନନ୍ଦିତାଙ୍କ କଥାକୁ ଗ୍ରହଣକଲେ ପଆଖରେ ବସିଥିବା ମୁଖ୍ୟମନ୍ତ୍ରୀବି ଅଧା ଓଡିଆ । କାରଣ ବାପାତାଙ୍କର ଓଡିଆ, ମା' ପଞ୍ଜାବୀ । ଆଉ ମୁଖ୍ୟମନ୍ତ୍ରୀଙ୍କ ଓଡିଆ ସଳଖିଲା ବେଳକୁ ଓଡିଆ ଭାଷା ଥିବ କି ନା ସନ୍ଦେହ । ଆମ ପାଖରେ ବସିଥିବା ଲୋକେ ଚାପାଗଳାରେ କହୁଥିବାର ଶୁଣିଲୁ- ଅଧା



ଓଡିଆ ମାନେ ହିଁ ପ୍ରିୟ ଓଡିଆ।

## ଫୋଟୋଗ୍ରାଫର ବନାମ ଦର୍ଶକ

ରାଜଧାନୀର ସବୁ କାର୍ଯ୍ୟକ୍ରମରେ ମିଡିଆ ଫୋଟୋଗ୍ରାଫରଙ୍କ ସମସ୍ୟା ସବୁଠୁ ବେଶୀ। ଫୋଟୋ ଉଠାଇବାକୁ ମଞ୍ଚ ପାଖରେ ଠିଆ ହେଲେ ପଛରୁ ଦର୍ଶକ ଚିଲ୍ଲେଇବେ। ଏବେ ତ ରାଜଧାନୀରେ ଗଣମାଧ୍ୟମ ସଂସ୍ଥା ବଢିଚାଲିଛି। ସେଇ ପରିମାଣରେ ବଢିଚାଲିଛନ୍ତି ଫୋଟୋଗ୍ରାଫର୍। ସେମାନଙ୍କୁ ସୁବିଧାରେ ଫୋଟୋ ଉଠାଇବାର ନା ସୁଯୋଗ ଅଛି ରବୀନ୍ଦ୍ର ମଣ୍ଡପ, ନା ସୂଚନା ଭବନରେ। ଚଳଚ୍ଚିତ୍ର ଉତ୍ସବରେ ଆୱାର୍ଡିଙ୍କ (ପୁରସ୍କୃତ କର୍ମକର୍ତ୍ତା) ଭିଡ ଯେତେ ତା'ଠୁ ଅଧିକ ମିଡିଆ ଓ ଦର୍ଶକଙ୍କ ଭିଡ। ଦେଖାଗଲା ପୁରସ୍କାର ଆଣିବାପାଇଁ ଆୱାର୍ଡିମାନେ ମଞ୍ଚ ନିକଟକୁ ଯାଇପାରୁନାହାନ୍ତି। ସଂସ୍କୃତି ମନ୍ତ୍ରୀ ବୁଝେଇ ସୁଝେଇ ନୟାନ୍ତ। ଦୃଶ୍ୟଟି ଦେଖି ଆମ ପାଖରେ ବସିଥିବା ବନ୍ଧୁଜଣକ କହିଲେ-"ଛାଡ ହୋ; ଏମାନେ କେହି ଭିତରୁ ନୁହନ୍ତି।"

## ପାଣି ପାଣି ହେଲେ ପାଣି କାହିଁ।

ପାଣି ପାଣି ହେଲେ ପାଣି କାହିଁ? ରବୀନ୍ଦ୍ର ମଣ୍ଡପର ଗ୍ରୀନରୁମ୍ ଓ ବାଥରୁମ୍‌ରେ ପାଣି ସରିଗଲା କାର୍ଯ୍ୟକ୍ରମ ଆରମ୍ଭରୁ। ସାଂସ୍କୃତିକ ପ୍ରାଣକେନ୍ଦ୍ର ରବୀନ୍ଦ୍ର ମଣ୍ଡପର ଅବ୍ୟବସ୍ଥା କଳାକାର ମାନଙ୍କ ଦେହସୁହା ହୋଇଗଲାଣି। ପାଣିଟୋପେ ନ ପାଇ ଲୋକେ ହନ୍ତସନ୍ତ ହେବା ଦୃଶ୍ୟ ଭାରି କରୁଣ। ହେଲେ ସରକାରୀବାବୁ ମାନେ ଏ କ୍ଷେତ୍ରରେ ସଂପୁର୍ଣ୍ଣ ନିଶ୍ଚିନ୍ତ। ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଖୁସି ହେଲେ ଗଲା। କଳାକାରଙ୍କ କଥା ପଚାରେ କିଏ।

## ପୁରସ୍କାର ଧର ଓ ଚାଲ

ଆମ ସମୟର ବହୁତ ବିଖ୍ୟାତ ତାରକା ଏଥର ପୁରସ୍କାର ପାଇଲେ। ବିଜୟ ମହାନ୍ତି, ଅପରାଜିତା, ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ମେଘନା ମିଶ୍ର, ଶ୍ରୀତମ ଦାସ, ବର୍ଷା ପ୍ରିୟଦର୍ଶିନୀ, ଇତ୍ୟାଦି ତାଲିକା ଖୁବ ଲମ୍ବା। ରବୀନ୍ଦ୍ର ମଣ୍ଡପ ବି ଲୋକାରଣ୍ୟ। ହେଲେ ପୁରସ୍କାର ପ୍ରଦାନ ବେଳକୁ ତାଳିର ନାଁ ଗନ୍ଧ ନାହିଁ। ଉଦଘୋଷକ ଦେବ ପ୍ରସାଦ ଦାଶ ଯେତେ କହିଲେ ବି ଦର୍ଶକ ଉଦାସୀନ। ଆଉ ଗୋଟେ ମଜାକଥା ହେଲା- ଯିଏ ପୁରସ୍କାର ପାଇଲା, ସିଏ କାମର ବାହାନାରେ ଖସିଲା। ଵାଃ ଵାଃ ଓଲିଉଡ୍ ପ୍ରୀତି।

## ଆସନ୍ତା ବର୍ଷକୁ ମୁମ୍ବାଇଆ ଷ୍ଟାଇଲ୍

ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଲେ ଆସନ୍ତା ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ମୁମ୍ବାଇଆ ଷ୍ଟାଇଲରେ ହେବ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ ଷ୍ଟାଡିୟମ୍ ରେ। ବଢିଆ କଥା। ହେଲେ ମୁମ୍ବାଇରେ କଳାକାରମାନେ କଳାକାର ମାନଙ୍କୁ ପୁରସ୍କୃତ କରନ୍ତି। ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ବି ମଞ୍ଚତଳେ ବସନ୍ତି। ହେଲେ ଆମ ରାଜ୍ୟର ବାବୁମାନେ ତାହା କରେଇ ଦେବେତ? ବାବୁ ଓ ମନ୍ତ୍ରୀଙ୍କ ବିନା ପୁରସ୍କାର ଉତ୍ସବ ହୋଇପାରିବ-କେଜାଣି ବିଶ୍ୱାସ ଲାଗୁନି। ତା'ପରେ ଅଛି ବଜେଟ୍। ସରକାରଙ୍କ ତ ସବୁ କଥାରେ ହାତ ଟାଇଟ୍। ଏସବୁ କାମପାଇଁ ବେସରକାରୀ ସଂସ୍ଥାମାନେ ପ୍ରଯୋଜନା କରିବେ ତ? ହେଲେ ଯୋଗାଡ କରିବ କିଏ? ଏବେ ତ ଉତ୍ସବ ଆୟୋଜନ ପାଇଁ ବେସରକାରୀ ସଂସ୍ଥାମାନଙ୍କୁ ସଂପୁର୍ଣ୍ଣ ଦାୟିତ୍ୱ ଦିଆଯାଉଛି। ଏଥର ଓଡିଆ ସିନେକ୍ରିଟିକ୍ ଆସୋସିଏସନ୍ କୁ ସାମିଲ କରାଯାଇଛି। ହେଲେ କାଗଜ-କଲମରେ ସାମିଲ କରି ଲାଭକଣ? ସରକାରୀ ସଂସ୍ଥା ଓ ବାବୁ ମାନଙ୍କ ହାତରେ ଚାବିକାଠି- ବେସରକାରୀ ସଂସ୍ଥା କରିବେ କଣ? ପୂର୍ବରୁ 'ସିନେକ୍ରିଟିକ୍' ବହୁ ବଡ



ବଡ ଆୟୋଜନ କରିଛି ସଫଳତାର ସହିତ। ମିନାକ୍ଷୀ ଶେଷାଦ୍ରୀଙ୍କଠୁ ଆରମ୍ଭ କରି ଅକ୍ଷୟ କୁମାର ପର୍ଯ୍ୟନ୍ତ ବହୁ ବଡ ବଡ ଷ୍ଟାର ଆସିଛନ୍ତି। ହେଲେ ମୁକ୍ତ ଭାବରେ ଦାୟିତ୍ୱ ଦେଲେ ସିନା କିଛି କରିହେବ।

ଯା'ହେଉ, ପୁରସ୍କାର ବିଜେତା ମାନଙ୍କୁ ଆମର ଅଭିନନ୍ଦନ।

## ରାଜ୍ୟ ଚଳଚ୍ଚିତ୍ର ଉତ୍ସବ-୧୯୯୭

**ମୋହନ ସୁନ୍ଦରଦେବ ଗୋସ୍ୱାମୀ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର:**

ଅଗ୍ନି ସଙ୍କେତ

**ଜୟଦେବ ପୁରସ୍କାର:**

ଗ୍ଲୋରିଆ ରାଉତ (ମହାନ୍ତି)

**ଶ୍ରେଷ୍ଠ ନିର୍ଦ୍ଦେଶକ:**

ପ୍ରଣବ ଦାସ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ ଅଭିନେତା:**

ସରୋଜ ପଟନାୟକ (ଭିନ୍ନ ସମୟ)

**ଶ୍ରେଷ୍ଠ ଅଭିନେତ୍ରୀ:**

ଗାୟତ୍ରୀ ଚାନ୍ଦ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ କାହାଣୀକାର:**

ହିମାଂଶୁ ଦାସ (ମୁକ୍ତି ତୀର୍ଥ)

**ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ:**

ଶାନ୍ତନୁ ମହାପାତ୍ର (ମୁକ୍ତି ତୀର୍ଥ)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ:**

ଦେବାଶୀଷ ମହାପାତ୍ର (ମୁକ୍ତି ତୀର୍ଥ)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା:**

ଲୋପିତା ମିଶ୍ର (ମୁକ୍ତି ତୀର୍ଥ)

**ଶ୍ରେଷ୍ଠ ଫୋଟୋଗ୍ରାଫର:**

ଜାହାଙ୍ଗୀର ଚୌଧୁରୀ (ଭିନ୍ନ ସମୟ)

**ଶ୍ରେଷ୍ଠ ସଂପାଦନା:**

ରବି ପଟନାୟକ (ଭିନ୍ନ ସମୟ)

**ଶ୍ରେଷ୍ଠ ଗୀତ:**

ଦେବାଶୀଷ ଚୌଧୁରୀ (ମୁକ୍ତି ତୀର୍ଥ)

**ଶ୍ରେଷ୍ଠ ଚିତ୍ରନାଟ୍ୟ:**

ପ୍ରଣବ ଦାସ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ ସହଯୋଗୀ ଅଭିନେତା:**

ସଚ୍ଚିଦାନନ୍ଦ ରଥ (ଭିନ୍ନ ସମୟ)

**ଶ୍ରେଷ୍ଠ ସହଯୋଗୀ ଅଭିନେତ୍ରୀ:**

ଲକ୍ଷ୍ମୀ ଦେବୀ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ ଶିଶୁ କଳାକାର:**

ଦିପାୟନ ଦାସ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ କଳା ନିର୍ଦ୍ଦେଶକ:**

ଅସିମ ବସୁ (ଅଗ୍ନି ସଙ୍କେତ)

**ଶ୍ରେଷ୍ଠ ଶବ୍ଦ ଗ୍ରହଣ:**

**ଶ୍ରେଷ୍ଠ ପ୍ରାମାଣିକ ଚିତ୍ର:**

**ଆହ୍ୱାନ୍**

ଗଣକବି ବୈଷ୍ଣବ ପାଣି (ଓଡ଼ିଶା **ସରକାରଙ୍କ ପ୍ରଯୋଜିତ)**

**ସ୍ୱତନ୍ତ୍ର ଜୁରୀ ପୁରସ୍କାର:**

ବିମଳ ରାଉତରାୟ (ଅଗ୍ନି ସଙ୍କେତ)

# ରାଜ୍ୟ ଚଳଚ୍ଚିତ୍ର ଉତ୍ସବ-୧୯୯୩

**ମୋହନ ସୁନ୍ଦରଦେବ ଗୋସ୍ୱାମୀ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର:**

ଆଶା

**ଜୟଦେବ ପୁରସ୍କାର:**

ବ୍ୟୋମକେଶ ତ୍ରିପାଠୀ

**ଶ୍ରେଷ୍ଠ ନିର୍ଦ୍ଦେଶକ:**

ସୁଶାନ୍ତ ମିଶ୍ର (ଇନ୍ଦ୍ରଧନୁର ଛାଇ)

**ଶ୍ରେଷ୍ଠ ଅଭିନେତା:**

ବିଜୟ ମହାନ୍ତି (ଭୀଷ୍ମ ପ୍ରତିଜ୍ଞା)

**ଶ୍ରେଷ୍ଠ ଅଭିନେତ୍ରୀ:**

ଅପରାଜିତା ମହାନ୍ତି (ଆଶା)

**ଶ୍ରେଷ୍ଠ କାହାଣୀକାର:**

ସାତକଡ଼ି ହୋତା (ଅରଣ୍ୟ ରୋଦନ)

**ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ:**

ଅକ୍ଷୟ ମହାନ୍ତି (ଭୀଷ୍ମ ପ୍ରତିଜ୍ଞା)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ:**

ପ୍ରଣବ ପଟନାୟକ (ଆଶା, ଗୀତ: ଅନ୍ତହୀନ ସୁଖର ଆଶା)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା:**

ଚିତ୍ରା (ମୋ କାହ୍ନୁରେ, ଗୀତ: ମାଲୋ ମାଲୋ )

**ଶ୍ରେଷ୍ଠ ଫୋଟୋଗ୍ରାଫର:**

ରାଜୁ ମିଶ୍ର (ଅରଣ୍ୟ ରୋଦନ)

**ଶ୍ରେଷ୍ଠ ସଂପାଦନା:**

ବିଶ୍ୱନାଥ ରାୟ (ଭୀଷ୍ମ ପ୍ରତିଜ୍ଞା)

**ଶ୍ରେଷ୍ଠ ଗୀତ:**

ଅକ୍ଷୟ ମହାନ୍ତି (ଭୀଷ୍ମ ପ୍ରତିଜ୍ଞା)

**ଶ୍ରେଷ୍ଠ ଚିତ୍ରନାଟ୍ୟ:**

ସୁଶାନ୍ତ ମିଶ୍ର (ଇନ୍ଦ୍ରଧନୁର ଛାଇ)

**ଶ୍ରେଷ୍ଠ ସହଯୋଗୀ ଅଭିନେତା:**

ଚୌଧୁରୀ ଜୟପ୍ରକାଶ ଦାସ (ଆଶା)

**ଶ୍ରେଷ୍ଠ ସହଯୋଗୀ ଅଭିନେତ୍ରୀ:**

ସୋନିଆ ମହାପାତ୍ର (ଇନ୍ଦ୍ରଧନୁର ଛାଇ)

**ଶ୍ରେଷ୍ଠ ହାସ୍ୟ କଳାକାର:**

ଦେବୁ ବ୍ରହ୍ମା (ଶ୍ରଦ୍ଧାଞ୍ଜଳି)

**ଶ୍ରେଷ୍ଠ ଶିଶୁ କଳାକାର:**

ମାଷ୍ଟର ତରୁଣ (ମୋ କାହ୍ନୁରେ)

**ଶ୍ରେଷ୍ଠ କଳା ନିର୍ଦ୍ଦେଶକ:**

ପ୍ରଦ୍ୟୁମ୍ନ ଦାସ (ଶ୍ରଦ୍ଧାଞ୍ଜଳି)

**ଶ୍ରେଷ୍ଠ ଶବ୍ଦ ଗ୍ରହଣ:**

ନଗେନ୍ ବାରିକ (ଆଶା)

**ଶ୍ରେଷ୍ଠ ଶିକ୍ଷଣାତ୍ମକ ଶିଶୁଚିତ୍ର:**

ଲାବଣ୍ୟ ପ୍ରୀତି

**ସ୍ୱତନ୍ତ୍ର ଜୁରୀ ପୁରସ୍କାର:**

ଇନ୍ଦ୍ରଧନୁର ଛାଇ

# ରାଜ୍ୟ ଚଳଚ୍ଚିତ୍ର ଉତ୍ସବ-୨୦୦୩

**ମୋହନ ସୁନ୍ଦରଦେବ ଗୋସ୍ୱାମୀ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର:**

ଅ ଆକାରରେ ଆ

**ଜୟଦେବ ପୁରସ୍କାର:**

ଭାନୁମତୀ ଦେବୀ

**ଶ୍ରେଷ୍ଠ ନିର୍ଦ୍ଦେଶକ:**

ସୁବାଶ ଦାସ (ଅ ଆକାରରେ ଆ)

**ଶ୍ରେଷ୍ଠ ଅଭିନେତା:**

ସିଦ୍ଧାନ୍ତ ମହାପାତ୍ର (ଏଇଠି ସ୍ୱର୍ଗ ଏଇଠି ନର୍କ)

**ଶ୍ରେଷ୍ଠ ଅଭିନେତ୍ରୀ:**

ମହାଶ୍ୱେତା (ସାବତ ମା')

**ଶ୍ରେଷ୍ଠ କାହାଣୀକାର:**

ସୁବାଶ ଦାସ (ଅ ଆକାରରେ ଆ)

**ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ:**

ମଳୟ ମିଶ୍ର (ନାରୀ ଆଖିରେ ନିଆଁ)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ:**

ଟି ସୌରୀ (ନାରୀ ଆଖିରେ ନିଆଁ)

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା:**

ପ୍ରୀତିନନ୍ଦା (ରହିଛି ରହିବି ତୋହରି ପାଇଁ)

**ଶ୍ରେଷ୍ଠ ଫୋଟୋଗ୍ରାଫର:**

ରଞ୍ଜନ ମିଶ୍ର (ରହିଛି ରହିବି ତୋହରି ପାଇଁ)

**ଶ୍ରେଷ୍ଠ ସଂପାଦନା:**

ଗଦାଧର ପୁଟି (ଅ ଆକାରରେ ଆ)

**ଶ୍ରେଷ୍ଠ ଗୀତ:**

ଶ୍ରୀକାନ୍ତ ଗୌତମ (ରହିଛି ରହିବି ତୋହରି ପାଇଁ)

**ଶ୍ରେଷ୍ଠ ଚିତ୍ରନାଟ୍ୟ:**

ଶିଶିର ମିଶ୍ର (ସାବତ ମା')

**ଶ୍ରେଷ୍ଠ ସହଯୋଗୀ ଅଭିନେତା:**
ଦୀପକ ପରିଡା (ସାବତ ମା')
**ଶ୍ରେଷ୍ଠ ସହଯୋଗୀ ଅଭିନେତ୍ରୀ:**
ଦୀପ୍ତି ପଣ୍ଡା (ଅ ଆକାରେ ଆ)
**ଶ୍ରେଷ୍ଠ ହାସ୍ୟ ଅଭିନେତା:**
ଶ୍ରୀତମ ଦାସ (ସାବତ ମା')
**ଶ୍ରେଷ୍ଠ ଶିଶୁ କଳାକାର:**
ଅଦ୍ୟାସା (ଅ ଆକାରେ ଆ)
**ଶ୍ରେଷ୍ଠ କଳା ନିର୍ଦ୍ଦେଶକ:**
ସୁବାଷ ସାହୁ (ରହିଛି ରହିବି ତୋହରି ପାଇଁ)
**ଶ୍ରେଷ୍ଠ ଶବ୍ଦ ଗ୍ରହଣ:**
ନଗେନ୍ ବାରିକ (ଅ ଆକାରେ ଆ)
**ସ୍ୱତନ୍ତ୍ର ଜୁରୀ ପୁରସ୍କାର:**
ମେଘନା ମିଶ୍ର (ନାରୀ ଆଖିରେ ନିଆଁ)

## ରାଜ୍ୟ ଚଳଚ୍ଚିତ୍ର ଉତ୍ସବ-୨୦୦୪

**ମୋହନ ସୁନ୍ଦରଦେବ ଗୋସ୍ୱାମୀ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର:**
ଓମ୍ ଶାନ୍ତି ଓମ୍
**ଜୟଦେବ ପୁରସ୍କାର:**



## ଆହ୍ୱାନ୍

ପ୍ରଫୁଲ୍ଲ କର
**ଶ୍ରେଷ୍ଠ ନିର୍ଦ୍ଦେଶକ:**
ପ୍ରଶାନ୍ତ ନନ୍ଦ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ଅଭିନେତା:**
ସିଦ୍ଧାନ୍ତ ମହାପାତ୍ର (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ଅଭିନେତ୍ରୀ:**
ଅନୁ ଚୌଧୁରୀ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ କାହାଣୀକାର:**
ପ୍ରଶାନ୍ତ ନନ୍ଦ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ:**
ମନ୍ମଥ ମିଶ୍ର (ସୁନା ଶଙ୍ଖାଳି)
**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ:**

**ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା:**
ଶ୍ୱେତା ମିଶ୍ର (ସୁନା ଶଙ୍ଖାଳି)
**ଶ୍ରେଷ୍ଠ ଫୋଟୋଗ୍ରାଫର:**
ଶାମ୍ବ ଶିବା ରାଓ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ସଂପାଦନା:**
ପ୍ରଶାନ୍ତ ନନ୍ଦ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ଗୀତ:**
ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ (ସୁନା ଶଙ୍ଖାଳି)
**ଶ୍ରେଷ୍ଠ ଚିତ୍ରନାଟ୍ୟ:**

**ଶ୍ରେଷ୍ଠ ସହଯୋଗୀ ଅଭିନେତା:**
ମୀନକେତନ (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ସହଯୋଗୀ ଅଭିନେତ୍ରୀ:**
ମଧୁସ୍ମିତା ମହାନ୍ତି (ଓମ୍ ଶାନ୍ତି ଓମ୍)
**ଶ୍ରେଷ୍ଠ ହାସ୍ୟ ଅଭିନେତା:**

**ଶ୍ରେଷ୍ଠ ଶିଶୁ କଳାକାର:**
ଚନ୍ଦନ (ସୁନା ଶଙ୍ଖାଳି)
**ଶ୍ରେଷ୍ଠ କଳା ନିର୍ଦ୍ଦେଶକ:**

**ଶ୍ରେଷ୍ଠ ଶବ୍ଦ ଗ୍ରହଣ:**
ନାଟ୍ୟଶ୍ରୀ ରଞ୍ଜନ (ସୁନା ଶଙ୍ଖାଳି)
**ସ୍ୱତନ୍ତ୍ର ଜୁରୀ ପୁରସ୍କାର:**
ବର୍ଷା ପ୍ରିୟଦର୍ଶିନୀ (ସୁନା ଶଙ୍ଖାଳି)

ଏହି ବିଶେଷ ପ୍ରବନ୍ଧଟି ୨ ମଇ ଶୁକ୍ରବାର ୨୦୦୬ର ଅନୁପମ ଭାରତର ସ୍ୱତନ୍ତ୍ର ପୃଷ୍ଠା ସ୍ପନ୍ଦନରେ ପ୍ରକାଶ ପାଇଥିଲା। "ସପ୍ତଦଶ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଉପରେ ଏକ ବିଶେଷ ଆଲୋଚନା। ଉପସ୍ଥାପନା- କେଦାର ମିଶ୍ର, ଫୋଟୋ- ବିଶ୍ୱରଞ୍ଜନ"



**ସତ୍ୟଂ ଶିବଂ ସୁନ୍ଦରଂ**

## ବୋଉ

**ସରୋଜ ସାହୁ**

ନାହିର ନାଡ ଦେଇ
ରକ୍ତ, ଛାତିରୁ ଖିର,
ପାପୁଲିରୁ ଭାଗ୍ୟ ବାଣ୍ଟିଲୁ
ମୋ ସାଙ୍ଗରେ।
ପଣତରେ ଅସୂୟା,
ପତରରେ ଭୟ
ପୋଛିଦେଇ,
ଆଙ୍ଗୁଠିରେ ସଳଖିଲୁ ବାଟ।
ମୋ ଆବଶ୍ୟକତାର
ଖଟ, କବାଟ, ଚୋକାଠ
କଣ ନ ହୋଇଛୁ ଯେ ତୁ!
ବୋଉଲୋ
ବେସର ସାଙ୍ଗେ ବାଟିହେଲୁ,
ପରିବା ପରି କାଟିହେଲୁ,
ନିଜକୁ ବୋଲି
ଅଳିଆ ଗଦାକୁ, ତତେ
ଓଳେଇ ଦେଇଛି, ତୋ
ଆଜ୍ଞାଧିନ, ସନ୍ତାନ।।

**ମାତୃ ଦିବସ ଉପଲକ୍ଷେ ବିଶ୍ୱର ଅଗଣିତ ମା' ମାନଙ୍କୁ ଆମ ତରଫରୁ କୋଟି କୋଟି ପ୍ରଣାମ।**

# ଜାତୀୟ ସଂହତି

ଡ଼ଃ ମୀରାରାଣୀ ଖଣ୍ଡୁଆଳ (ଅଧ୍ୟାପିକା)

ଏଠି ଧର୍ମ ସବୁ ନିଆରା ନିଆରା;
କେଉଁଠି ଛେଳି, ମେଣ୍ଢା, କୁକୁଡାଙ୍କ ରକ୍ତରେ
ଦେବତାର ଅଭିଷେକ ତ,
କେଉଁଠି ଗୋରୁଗାଈଙ୍କ ତଟକା ରକ୍ତରେ ପର୍ବର ପାଳନ,
କିନ୍ତୁ; ସବୁଠି, ସବୁସମୟରେ
ମଣିଷର ଉଷ୍ଣରକ୍ତରେ ଭିଜିଯାଏ ଧରଣୀର ବକ୍ଷ।
ଏଇତ ଏକତ୍ୱ, ଏଇ ଆମ ଜାତୀୟ ସଂହତି।

ଏଠି ନାରୀ ସବୁ ଭିନ୍ନ ଭିନ୍ନ
ଜନନୀ, ଭଗିନୀ, ଜାୟା, ପ୍ରେମିକା ବା କନ୍ୟା,
କିନ୍ତୁ; ନିଛାଟିଆ ଆମ୍ବତୋଟାରେ
ସନ୍ଧ୍ୟାକାଳୀନ ରାଜରାସ୍ତାରେ, ପାର୍କରେ
ଖେଳପଡିଆରେ, ଅଫିସ୍ ରେ
ସମସ୍ତେତ ଖାଲି ନାରୀ,
ସଭିଙ୍କର ବିଳାସ ସାମଗ୍ରୀ,
ବୃଦ୍ଧା, ଯୁବତୀ, କିଶୋରୀ ବା ଶିଶୁକନ୍ୟା ହେଉ
ହେଉପଛେ ପାଗଳୀ ବା ଶାରୀରିକ ଅକ୍ଷମା
ସବୁଠି ଖୋଜାଯାଏ ରକ୍ତ ମାଂସ
କାରଣ ସଂହତିର ଅର୍ଥ; କେବଳ ଏକତ୍ୱ।
ଏଠି ଧନୀ ଗରିବର କିଛି ଭେଦଭାବ ନାହିଁ
ଧନୀର ପାନୀୟ ଆଉ ଗରିବର ପେୟ
ସବୁଠି ସଂହତି।
ଖାଲି ଲେବୁଲ୍ ଉଠେଇଦେଲେ
ସବୁଥିରୁ ଏକ ବାସ୍ନା ଆମୋଦିତ କରେ;
ଧନୀର ମାରୁତି ଆଉ ଗରୀବର କୁଡିଆ ଦୁଆରେ
ସୁବର୍ଣ୍ଣ ଜୟନ୍ତୀ ଚିହ୍ନ ଦାଉ ଦାଉ ଜଳୁଥାଏ
ଜାତୀୟ ସଂହତିର ଶ୍ରେଷ୍ଠ ରୂପନେଇ।

ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ
ଲୋକନାଥ ମାର୍ଗ, ପୁରୀ-୧



# ହସ ନିଅ ହସ

ତିନି ଦଶନ୍ଧି ଧରି ଓଡିଆ ସିନେମାର ସେ ଜଣେ ଅତି ପରିଚିତ କଳାକାର। ଲହରେଇ ଲହରେଇ ହସ, ଅନୁନାସିକ ସ୍ୱର ଓ ବଙ୍କାଟେଡା ଓଡିଆ ଡଗଡମାଳି ଆବୃତ୍ତି ତାଙ୍କର ସ୍ୱାତନ୍ତ୍ର୍ୟ। ଦୁଇଶହ ପଚାଶରୁ ଅଧିକ ଓଡିଆ ସିନେମାରେ ଅଭିନୟ କରିଥିବା ଏହି କଳାକାର ହେଲେ ଜୟୀରାମ ସାମଲ। ବୟସ୍କଙ୍କ ପାଇଁ ଜୟୀ ଆଉ ଅନ୍ୟମାନଙ୍କ ପାଇଁ ଜୟୀଭାଇ ସେ। ମଞ୍ଚ



କଳାକାର ଭାବେ ଜୀବନ ଆରମ୍ଭ କରିଥିଲେ। ଓ ପରେ ସିନେମା ଜଗତକୁ ଅକ୍ତିଆର କରିନେଲେ। ଉତ୍କଟ ଦାରିଦ୍ର୍ୟ ଓ ସଂଘର୍ଷ ଭିତରେ କଟିଛି ତାଙ୍କର ଶୈଶବ ଓ ଯୌବନର ପ୍ରଥମାର୍ଧ। ଆଜି ଜୀବନର ଅପରାହ୍ନରେ ସେ ପହଞ୍ଚିଛନ୍ତି। ଦେଇଛନ୍ତି ସେ ବହୁତ। ମାତ୍ର ପାଇଛନ୍ତି କେତେ? ଯାହା ପାଇଛନ୍ତି ତାହା ତାଙ୍କୁ ସନ୍ତୁଷ୍ଟ କରିଛି କି? ଏଇଭଳି କେତେକ ପ୍ରଶ୍ନ ନେଇ ତାଙ୍କୁ ଭେଟିଥିଲେ ସମ୍ବାଦ (ଓଡିଆ ସମ୍ବାଦପତ୍ର ମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପ୍ରକାଶିତ)ର ପ୍ରତିନିଧି। ଜୟୀ ଭାଇଙ୍କ ସହ ଦୀର୍ଘାଳାପ ଭିତରେ ତାଙ୍କ ସଂପର୍କିତ ଅନେକ ଅନାଲୋଚିତ, ଅନାଲୋକିତ ତଥ୍ୟ ଜଣାପଡିଥିଲା। ଯନ୍ତ୍ରଣା ଜର୍ଜରିତ କୈଶୋର ଭିତରେ ଜନ୍ମ ହୋଇଥିବା ଏକ କଳାକାର ସତ୍ତା କ୍ରମେ ଏକ ବିଶାଳ ବଟବୃକ୍ଷରେ କେମିତି ପରିଣତ ହୋଇଥିଲା ଏଠାରେ ପ୍ରସ୍ତୁତ ସେଇ କାହାଣୀ। ଉପସ୍ଥାପନା: ଅମ୍ବିକା ଦାଶ

## ବାପାଥିଲେ ମହତାବଙ୍କ ଡ୍ରାଇଭର

ଚନ୍ଦ୍ରମଣି ସାମଲ ଓ ଅହଲ୍ୟା ସୁନ୍ଦରୀ ଦେବୀଙ୍କ ସାନପୁଅ ହେଲେ ଜୟୀ। ବଡ ଦୁଇ ପୁଅ ହେଲେ ନଟବର ଓ ବଟକୃଷ୍ଣ। ଗୋଟିଏ ଝିଅ ରତ୍ନମଣି ଦେବୀ। କଟକ ସହର ତୁଳସୀପୁର ମଠ ନିକଟରେ ଚନ୍ଦ୍ରମଣି ସାମଲଙ୍କ ଘର। ସେ ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ବ୍ୟକ୍ତିଗତ ଡ୍ରାଇଭର। ଚାକିରୀ ସମୟରେ ଘର ସ୍ୱାଚ୍ଛନ୍ଦ୍ୟରେ ଚାଲିଥିଲା। ବୟସ ହୋଇଯିବା ପରେ ସେ ଆଉ କାର୍ଯ୍ୟକ୍ଷମ ହୋଇ ପାରିଲେ ନାହିଁ। ଉପାର୍ଜନର ଅନ୍ୟ ପନ୍ଥା ନଥିବା ବେଳେ, ଛଅ ପ୍ରାଣୀ କୁଟୁମ୍ବ ଚଳାଇବା କଷ୍ଟକର ହୋଇପଡିଥିଲା।

## ଖଟ ଉପରେ ଦାସକାଠିଆ

ପିଲାଦିନୁ ପାଠ ଅପେକ୍ଷା ନାଚଗୀତ, ପାଲା, ଦାସକାଠିଆ ପ୍ରତି ଜୟୀଙ୍କ ଆକର୍ଷଣ ଅଧିକ ଥିଲା। ସ୍କୁଲରୁ ଫେରି ଘରେ ଖଟଉପରେ



ଶାଢୀବାନ୍ଧି ମଞ୍ଚ ତିଆରି କରି ମୁଣ୍ଡରେ ଶାଢୀର ପଗଡିବାନ୍ଧି ଜୟ୍ମୀ ଦାସକାଠିଆ ବଜାଇ ଗୀତ ଗାଆନ୍ତି । ତେବେ କବାଟ ବନ୍ଦ ଥାଏ । କାରଣ ଲାଜ । ଦିନେ ସ୍କୁଲ୍‌ରେ ଶିକ୍ଷକ କହିଲେ ଗୀତଟିଏ ବୋଲିବାକୁ । ଶିକ୍ଷକ ଜାଣନ୍ତି ତାଙ୍କୁ ଲାଜଲାଗେ । କହିଥିଲେ- କବାଟ କଣେ ଠିଆ ହୋଇ ଗାଆ । ସେ ଗାଇଥିଲେ ମଧ୍ୟ । ସାହିତ୍ୟ ବହିରେ "ଏକଲବ୍ୟର ଗୁରୁଦକ୍ଷିଣା" ଏକାଙ୍କିକା ତାଙ୍କୁ ବହୁତ ଭଲ ଲାଗିଥିଲା, ସମବୟସ୍କ ପିଲାଙ୍କୁ ଡାକି ଜଣଙ୍କ ଢିଙ୍କିଶାଳରେ ଅଖାଟାଙ୍ଗି ଅଭିନୀତ ହୋଇଥିଲା ଏକାଙ୍କିକାଟି । ଇଛା ହେଲା ଏହାକୁ ମଞ୍ଚସ୍ଥ କରିବାକୁ, ମାତ୍ର କେମିତି ସମ୍ଭବ ହେବ? ରାସ୍ତାରେ ନାଲିଗୋଡି ପଡିଥାଏ, । ନାଲିଗୋଡିକୁ ପାଣିରେ ପକାଇ ସେଥିରେ ଝୋଟକୁ ରଙ୍ଗାଗଲା । ନାଲି ଝୋଟ ନାଲି ନିଶଦାଡି ଓ ଜଟା ହେଲା । ସେମିତି ତିଆରି ହେଲା ଗେରୁ ବସ୍ତ୍ର । ଯ୍ମା ସହ ଶାଢୀ । ରାସ୍ତାକଡରେ ଖଟପକାଇ ପେଣ୍ଡାଲ୍ ତିଆରି ହେଲା । ଓ ଶାଢୀ ଟଙ୍ଗେଇ ମଞ୍ଚସ୍ଥ ହେଲା ନାଟକ, "ଏକଲବ୍ୟର ଗୁରୁଦକ୍ଷିଣା" । ସାହି ଲୋକଙ୍କ ପାଇଁ ବେଶ ଆମୋଦକର ହୋଇଥିଲା ଏହି ନାଟକ । ଅନେକଙ୍କର ପ୍ରଶଂସା ଭାଜନ ହୋଇଥିଲେ ଜୟ୍ମୀ । ଏଥିରେ ଖୁବ ଉତ୍ସାହିତ ହୋଇଥିଲେ ଜୟ୍ମୀ ଓ ତା'ଙ୍କ ସାଙ୍ଗ କଳାକାରମାନେ । ପରବର୍ତ୍ତୀ ନାଟକ ଥିଲା ଐତିହାସିକ ବିଷୟ ଉପରେ ଆଧାରିତ, "ଧାତ୍ରୀ ପାନ୍ନା" । ସାହି ପିଲା ଉତ୍ସୁକାଇଲେ । ସେତେବେଳେ ବିଦ୍ୟୁତ୍ ନଥାଏ । ସଂଧ୍ୟାହେଲେ ପୌରପାଳିକା କର୍ମଚାରୀ ରାସ୍ତାକଡ ବତୀରେ କିରାସିନି ପୁରାଇ ଲଗାଇ ଦିଅନ୍ତି । ସେଠାରେ ହୁଏ ରିହାର୍ସଲ୍ । ଏହିପରି କେତେକ ପୌରପାଳିକା ବତୀର ଆଲୋକସଜ୍ଜାରେ ମଞ୍ଚସ୍ଥ ହେଲା ନାଟକ । ସେଥିରେ ଖଳନାୟକ ବିକ୍ରମ ସିଂ ଚରିତ୍ରରେ ଅଭିନୟ କରୁଥିଲେ ଜୟ୍ମୀ । ତେବେ ଅଳ୍ପ ଡାଏଲଗ୍ ଓ ଦୃଶ୍ୟ ତାଙ୍କୁ ସନ୍ତୁଷ୍ଟ କରି ପାରି ନଥିଲା । ନାଟକ ସରିବା ପରେ ପୋଷାକ ତଳେ ପୁଗାପୁରେଇ ପେଟ ଫୁଲେଇ କମେଡି କିଛି କରିଥିଲେ ସେ । ଏହା ବେଶ ଉପଭୋଗ୍ୟ ହୋଇଥିଲା । ସେତେବେଳେ ।



## ଅନ୍ନପୂର୍ଣ୍ଣା ଥିଏଟର ପାଇଁ ଉଦ୍ୟମ

ଧାତ୍ରୀ ପାନ୍ନାର ଦର୍ଶକ ସାହିର କେତେଜଣ ବୟସ୍କ ବ୍ୟକ୍ତି ପରାମର୍ଶ ଦେଲେ- ଜୟ୍ମୀ, ତୁ ଅନ୍ନପୂର୍ଣ୍ଣା ଥିଏଟର୍‌ରେ ପଶିବାକୁ ଚେଷ୍ଟା କର । ସେ ଯେ ଚାହୁଁନଥିଲେ ତାହା ନୁହେଁ । ମାତ୍ର ସେହି ସମ୍ମାନସ୍ପଦ ନାଟ୍ୟ ସଂସ୍ଥାରେ ପ୍ରବେଶ କରିବାର ବାଟ ଭାରି କଠିନ ଥିଲା ସେତେବେଳେ । ସମଗ୍ର ଓଡିଶାରୁ କେବଳ ବଛା ବଛା ଅଭିନେତା ଓ ଅଭିନେତ୍ରୀଙ୍କୁ ସ୍ଥାନ ମିଳୁଥିଲା ସେଇଠି । ସେ ଗଲେ ଅନ୍ନପୂର୍ଣ୍ଣା ଥିଏଟର୍‌କୁ । ସେତେବେଳେ 'ଶପଥ' ନାଟକ ଚାଲିଥାଏ । ଲାଗଲାଗ ତିନିଦିନ ସେଇ ଗୋଟିଏ ନାଟକ ଦେଖିଲେ । ଉଦ୍ଦେଶ୍ୟ, ନିର୍ଦ୍ଦେଶକ ପ୍ରିୟନାଥ ମିଶ୍ର (ପୀର) ବା ସାମୁଏଲ୍ ସାହୁ (ବାବି)ଙ୍କ ଦୃଷ୍ଟି ଆକର୍ଷଣ କରିବା । ସବୁଦିନ ଟିକେଟ୍ କିଣି ନାଟକ ଦେଖିବା ସମ୍ଭବ ନୁହେଁ । ତେବେ ପନ୍ଦର ଦିନ କାଳ ଥିଏଟର୍‌ର ଚକ୍କର କାଟିଥିଲେ ସେ । ଥରେ ବିନା ଟିକେଟରେ ପଶିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଦିନେ ସାହାସ କରି ଥିଏଟର ମାଲିକ ଲିଙ୍ଗରାଜ ନନ୍ଦଙ୍କୁ ଭେଟିଲେ । ସେ ପରାମର୍ଶ ଦେଲେ ବାବିବାବୁ କିମ୍ବା ପୀରବାବୁଙ୍କୁ ଭେଟିବାପାଇଁ । ଏଥିପାଇଁ ବରେନ୍ଦ୍ର ପଣ୍ଡା (ଥିଏଟର୍‌ରେ ପ୍ରଂପଟ୍‌ର କାମ କରୁଥିଲେ)ଙ୍କ ସହାୟତା ଲୋଡିଲେ । ସେ ପୀରବାବୁଙ୍କୁ ଭେଟାଇଦେଲେ । "ପରେ ଆସିବ" କହି ସେ ଫେରାଇଦେଲେ । ଏହାପରେ ବହୁତ ସାହାସ ଜୁଟାଇ ସେ ଭେଟିଥିଲେ ସାମୁଏଲ୍ ସାହୁଙ୍କୁ ଓ ସେ ସଦୟ ହୋଇ ସାକ୍ଷାତକାର ପାଇଁ ଡାକିଥିଲେ ।

## ଦର୍ଶକଙ୍କ ପ୍ରତିକ୍ରିୟା- ୟା'କୁ ବିଦାକର

ପୂର୍ବରାତିରୁ ତକିଆ ତଳେ ଚାପା



ଦେଇଥିବା ବାପାଙ୍କର ଏକ ଖାକି ପ୍ୟାଣ୍ଟ୍ ଓ କୋର୍ଟ୍ ପିନ୍ଧି ଜୟ୍ମୀ ଯାଇଥିଲେ ଅନ୍ନପୂର୍ଣ୍ଣା ଥିଏଟର୍‌କୁ ସାକ୍ଷାତକାର ପାଇଁ । ସାକ୍ଷାତକାରରେ ସଫଳ ହୋଇ କଳାକାର ଭାବରେ ନିଯୁକ୍ତି ପାଇଥିଲେ ସେ । ବିଶିଷ୍ଟ ଅଭିନେତା ପୂର୍ଣ୍ଣ ସିଂ ଙ୍କ ସହକଳାକାର ଭାବରେ ତାଙ୍କୁ କାମ କରିବାକୁ କୁହା ଯାଇଥିଲା । ନାଟକ 'ଅଶାନ୍ତ ଗ୍ରହ'ରେ ଜଣେ ପୁଲିସ କନେଷ୍ଟବଲ୍‌ଙ୍କ ଭୂମିକାରେ ସେ ମଞ୍ଚକୁ ଆସିଥିଲେ । ଋଗଣା ଚେହରାରେ ବେଖାପ ଲାଗୁଥିବା ପୁଲିସ ପୋଷାକ, ତା' ସହ ପ୍ରଥମ ମଞ୍ଚ ପ୍ରବେଶ ଜନିତ ଡର ଯୋଗୁଁ ସଂଳାପ ଠିକ୍ କହୁନଥିବା ଚରିତ୍ରଟିକୁ ଦେଖି ଦର୍ଶକ ପ୍ରବଳ ପାଟିତୁଣ୍ଡ ଆରମ୍ଭ କରିଥିଲେ । "ୟା' କୁ ବିଦାକର" ହିଁ ତାଙ୍କ ପ୍ରତି ଦର୍ଶକଙ୍କ ପ୍ରଥମ ସମ୍ଭାଷଣ ଥିଲା ବୋଲି ଜୟ୍ମୀ ଆଜି ମନେପକାନ୍ତି । ତା' ପରେ ନାଟକ 'ଅନ୍ଧ ପୁତୁଳି'ରେ ସେ ସେଭଳି ଏକ ଗୌଣ ଚରିତ୍ରରେ ଅଭିନୟ କଲେ, କିନ୍ତୁ ମାନସିକ ଶାନ୍ତି ପାଇଲେ ନାହିଁ । ପରବର୍ତ୍ତୀ ନାଟକ ଥିଲା, 'ଡାକ ବଙ୍ଗଳା' । ଓଡିଶାର ଲଳିତା ପାୱାର କୁହାଯାଉଥିବା ବିଶିଷ୍ଟ ଅଭିନେତ୍ରୀ ମୋନାଦେବୀଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା । ନାଟକରେ ଏକ ମାଇଚିଆ ଏକାଦଶିଆ ଭୂମିକା । ଅବଶ୍ୟ ଏହି ଭୂମିକା ପାଇଁ

ସେ ପୂର୍ବରୁ ବାବି ବାବୁଙ୍କୁ କହିଥିଲେ। ତେବେ 'ଡାକବଙ୍ଗଳା''ରେ ତା'ଙ୍କ ଅଭିନୟ ତା'ଙ୍କୁ ଦର୍ଶକ ମହଲରେ ଆଦୃତ କରିଥିଲା। ପୂର୍ଣ୍ଣ ସିଂଙ୍କ ସହଯୋଗୀ କଳାକାର ଭାବରେ ଲଗାତାର ଅଭିନୟ କରିଚାଲିଲେ ସେ। ସିନେମାରେ ପଶିବାକୁ ଇଚ୍ଛା ଥିବା ସତ୍ତ୍ୱେ ସେ କାହାକୁ କହିପାରିନଥିଲେ। ବାବି ବାବୁଙ୍କର ଚେତାବନୀ ତା'ଙ୍କୁ ଏହି ଉଦ୍ୟମରୁ ବାରଣ କରୁଥିଲା। ଏକଦା ତା'ଙ୍କୁ ବାବି ବାବୁ କହିଥିଲେ- ସିନେମାରେ ଯାଚିହୋଇ ପଶିବୁ ନାହିଁ। ଯଦି ସେମିତି ଯାଉ, ମୋ ଆଗରେ ମୁହଁ ଦେଖାଇବୁ ନାହିଁ।

## ଅଭିନୟ, ସିଲେଇ, ମ୍ୟାଜିକ୍

ଅଭିନୟରେ ପେଟ ପୁରେ ନାହିଁ। ପେଟପୋଷିବାକୁ ବିକଳ୍ପ ଧନ୍ଦା ଆବଶ୍ୟକ। ତେଣୁ ସେ ସିଲେଇ ଶିଖିଥିଲେ। ଘରେ ମେସିନ୍ ରଖି ସିଲେଇ କାମ କରୁଥିଲେ। ପରେ ସେ ଆକୃଷ୍ଟ ହୋଇଥିଲେ ମ୍ୟାଜିକ୍ ପ୍ରତି। ଖୁବ୍ ଶୀଘ୍ର ମ୍ୟାଜିକ୍ ରେ ପାରଦର୍ଶୀ ହୋଇଥିଲେ। ବିଭିନ୍ନ ସ୍କୁଲ୍, କଲେଜ୍‌ରେ ମ୍ୟାଜିକ୍ ଦେଖାଇ କିଛି କିଛି ରୋଜଗାର ବି କରୁଥିଲେ। କଟକ ବାଲିଯାତ୍ରା ସମୟରେ, 'କେ ଆର୍ ମ୍ୟାଜିକ୍ ସୋ' ଅନେକଙ୍କ ଦୃଷ୍ଟିରେ ପଡିଥିବ। ତେବେ ଏହି ତିନୋଟି ବିଦ୍ୟାଥାଇ ମଧ୍ୟ ତା'ଙ୍କ ପେଟ ପୁରେ ନାହିଁ। ଅନ୍ନପୂର୍ଣ୍ଣାରୁ ଫେରିବାବେଳେ କେଉଁଦିନ ପୁରି ତରକାରୀ ଖାଇ ଆସନ୍ତି ତ କେଉଁ ଦିନ ସେତିକି ବି ମିଳେନାହିଁ। ଘରେ ମଧ୍ୟ ସେତେବେଳେ ସବୁଦିନେ ଚୁଲି ଜଳେନାହିଁ। ଘରେ ଆସି ଚୁଲିରେ ହାତମାରି ଦେଖିବାକୁ ପଡେ ଉଷୁମ ଅଛିକି ନାହିଁ। ଯଦି ଉଷୁମ ଥାଏ ଖାଇବାକୁ ମାଗନ୍ତି ନହେଲେ ନାହିଁ। ଖାଲିପେଟରେ ଶୋଇବାକୁ ହୁଏ। ବେଳେବେଳେ କଞ୍ଚା ଗହମ ଚୋବେଇ ପାଣି ପିଇ ଶୋଇଛନ୍ତି ସେ।



ଆହ୍ୱାନ୍

## ଯାଯାବର ଅଫର୍ ଆଣିଲେ ହେମନ୍ତ ଦାସ

ଯେନତେନ ପ୍ରକାରେ ବାହାଘର ସରିଲା। ଘରକୁ ଆସିଲେ ସହଧର୍ମିଣୀ ମୀରା। ଘରର ଅବସ୍ଥା ଅପରିବର୍ତ୍ତିତ। କାମରେ ଅଭାବ ନାହିଁ ମାତ୍ର ରୋଜଗାର ଶୁନ୍ୟ। ସେମିତି ଦିନେ ଖରାବେଳେ କବାଟ ଠକ୍ ଠକ୍ ହେଲା। ଭାବିଲେ କେଉଁଠୁ ଗୋଟେ ଡାକରା ଆସିଲା ବେଠି ଖଟିବାକୁ। ତେବେ ଜାଣିବାକୁ ପାଇଲେ- 'ଯାଯାବର'ର ପ୍ରଯୋଜକ ବିଜୟ ପଟନାୟକ ଓ ବିଜୁ ଷଡଙ୍ଗୀଙ୍କୁ ଧରି ଘରକୁ ଆସିଛନ୍ତି ବିଶିଷ୍ଟ ଅଭିନେତା ହେମନ୍ତ ଦାସ। 'ଯାଯାବର'ରେ କାମ କରିବାକୁ କୁହାଯାଇଥିଲା। ଯାଯାବରର ସୁଟିଙ୍ଗ୍ ପାଇଁ ବାରିପଦାରେ ରହିବାକୁ ହୋଇଥିଲା ମାସେ। ଜଣେ ଭଣ୍ଡବାବାଜୀଙ୍କ ଚେଲା ଭୂମିକା। ସର୍ବଦା ଗଞ୍ଜେଇ ନିଶାରେ ଚୁର, ଏହି ଚେଲାର ସଂଳାପ ମଧ୍ୟ ଏହିଭଳି ଥିଲା, "ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ତୁ ପଚାରୁ।" ପୁଣି, "ଯାହା ସାପକୁ ମାଆ କାମୁଡେ ତା ପୁଅକୁ ପାଳ ଦଉଡି ଦେଖିଲେ ଡରେ"। ଯାଯାବର ରିଲିଜ୍ ହେଲାପରେ ଅନ୍ୟ ପ୍ରଯୋଜକ, ନିର୍ଦ୍ଦେଶକଙ୍କ ଦୃଷ୍ଟି ପଡିଥିଲା ତା'ଙ୍କ ଉପରେ।ଦୀର୍ଘ ଯାତ୍ରା- "ଯାଯାବର"ରୁ "ବାବୁ !ଆଇ ଲଭ୍ ୟୁ।"

ଯାଯାବରରେ ଆରମ୍ଭ ହୋଇଥିବା ଯାତ୍ରା ଏବେବି ଅସମାପ୍ତ। ଯାଯାବର ସିନେମା ପାଇଁ ସେ ପାଇଥିଲେ ୫ ଶହ ଟଙ୍କା। ରିଲିଜ୍ ପରେ ଭଲ ଅଭିନୟ ପାଇଁ ଅଧିକ ୨୫୦ଟଙ୍କା ମିଳିଥିଲା। ତେବେ, ଏହାପରେ ସେ ଆଉ ପଛକୁ ବୁଲି ଦେଖିନାହାନ୍ତି। ଯାଯାବର ପରେ, 'କୃଷ୍ଣ ସୁଦାମା', 'ସିନ୍ଦୂର ବିନ୍ଦୁ', 'ଅମରପ୍ରେମ', 'ନାଗଫାସ', 'ତଅପୋଇ', 'ସୁନାସଂସାର', 'ବଳିଦାନ', 'ପତିପତ୍ନି', 'କିଏ ଜିତେ କିଏ ହାରେ' ଠାରୁ ନିକଟରେ ପ୍ରଦର୍ଶିତ 'ବାବୁ! ଆଇ ଲଭ୍ ୟୁ' ପର୍ଯ୍ୟନ୍ତ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସିନେମାରେ ସେ ଅଭିନୟ କରିସାରିଛନ୍ତି। ନିକଟରେ 'ଭାଗ୍ୟଚକ୍ର' 'ପ୍ରେମଋତୁ ଆସିଲାରେ' ଓ 'ଆଇ ଲଭ୍ ମାଇ ଇଣ୍ଡିଆ'ରେ ତାଙ୍କୁ ଦେଖିବାକୁ ମିଳିବ।

ଏଠାରେ ଦିଆଯାଇଥିବା ଏହି ଲେଖା ଆପଣଙ୍କ ପାଇଁ ଆଣିଛୁ, ରବିବାର ସମ୍ବାଦର ଜୁନ୍ ୪ ତାରିଖ ୨୦୦୬ର ସଂସ୍କରଣରୁ।

## କ୍ୱାଇଁ ଯେଉଁଠି ହାତ ମାରୁଛନ୍ତି ଖାଲି ଟଙ୍କା ଆଉ ଟଙ୍କା

ବଡ ଦୁଇଭାଇ ବିବାହ କରିସାରିଥିଲେ। ଘରେ ଏଣେ ଅଭାବ ସତ୍ତ୍ୱେ ବାପା, ମା'ଙ୍କ ଜିଦ୍ ତାଙ୍କ ବାହାଘର କରିବେ। ଦିନେ ମଧ୍ୟାହ୍ନରେ ବାପାଙ୍କର ଜଣେ ବନ୍ଧୁ ତଥା ମଧ୍ୟସ୍ଥ କସ୍ତୁରୀ କବିରାଜ ଜୟୀଙ୍କ ଭାବି ଶ୍ୱଶୁରଙ୍କୁ ସଙ୍ଗରେ ନେଇ ଘରେ ପହଞ୍ଚିଲେ। ବାପା ଯାଇଥିଲେ ଗାଧୋଇବାକୁ। ଭାବି ଶ୍ୱଶୁରଙ୍କୁ ଚିହ୍ନି ନଥାନ୍ତି ଜୟୀ। କବିରାଜ କ୍ୱାଇଁଙ୍କ କାରନାମା ଦେଖାଇବା ଲାଗି ଭାବି ଶ୍ୱଶୁରଙ୍କ ଆଗରେ ଜୟୀଙ୍କୁ କହିଲେ କିଛି ମ୍ୟାଜିକ୍ ଦେଖାଇବା ପାଇଁ। ଜୟୀ ଗୋଟିଏ ଟଙ୍କା ଦେଖାଇଥିଲେ। ପୁଣି ଏହାକୁ ଅଦୃଶ୍ୟ କରିଦେଇଥିଲେ। ଏହାପରେ ଭାବୀ ଶ୍ୱଶୁରଙ୍କ ମୁଣ୍ଡ, କାନ, ପେଟ, ନାକ, କାନ୍ଧ, ଛାତି ଆଦି ଶରୀରର ଅଙ୍ଗ ପ୍ରତ୍ୟଙ୍ଗରେ ହାତ ମାରୁଥାଆନ୍ତି ଆଉ ଗୋଟାକୁ ଗୋଟା ଟଙ୍କା ବାହାର କରି ଦେଖାଉଥାଆନ୍ତି। ଏହି ସମୟରେ ତାଙ୍କ ବାପା ଫେରି ଆସିଲେ, ଓ ଜୟୀ ଶ୍ୱଶୁରଙ୍କ ପରିଚୟ ପାଇଲା ପରେ ଲଜ୍ଜାରେ ଚାଲିଯାଇଥିଲେ ଘର ଭିତରକୁ। ତେବେ ସେ ପଛରେ ଶୁଣିବାକୁ ପାଇଲେ, ଭାବୀ ଶ୍ୱଶୁର ତାଙ୍କ ଘରେ ଯାଇ କହିଛନ୍ତି, "କ୍ୱାଇଁଙ୍କର କିଛି ଅସୁବିଧା ନାହିଁ। ସେ ଯେଉଁଠି ହାତ ମାରୁଛନ୍ତି, ସେଠି ଖାଲି ଟଙ୍କା ଆଉ ଟଙ୍କା।"

## ଜୟୀଙ୍କ ସହ ଏକ ସଂକ୍ଷିପ୍ତ ସାକ୍ଷାତକାର

**୨୫୦ରୁ ଊର୍ଦ୍ଧ୍ୱ ସିନେମାରେ ଅଭିନୟ କଲେ ବି ଆପଣଙ୍କର ଆର୍ଥିକ ଅବସ୍ଥା, ଚଳଣିରେ ଆଖିଦୃଶିଆ ଉନ୍ନତି ହୋଇନି । ଏହାର କାରଣ?**

ଓଡିଆ ସିନେମାରେ ପେମେଣ୍ଟ(ପ୍ରାପ୍ୟ) ବହୁତ କମ। ଭଲ ପଇସା ନ ମିଳିଲେ କ୍ରିଏଟିଭିଟି ରହୁନାହିଁ। କିଛି ଭଲ କରିବାକୁ ମାନସିକ ଶାନ୍ତି ଦରକାର। ଆର୍ଥିକ ଅନଟନରେ ରହିଲେ ଶାନ୍ତି ଆସିବ କେଉଁଆଡୁ?

**ହାସ୍ୟରସକୁ କାହିଁକି ଆପଣେଇଲେ?**

ଦର୍ଶକ ଚାହିଁଲେ। ଚରିତ୍ର ଅଭିନେତା ବା ଖଳନାୟକ ଭୂମିକାରେ ମୁଁ କାର୍ଯ୍ୟ କରିବାକୁ ଆଗ୍ରହୀ ଥିଲି। ତେବେ ଦର୍ଶକଙ୍କ ଇଚ୍ଛାକୁ ସମ୍ମାନ ଦେଇ ମୁଁ ହାସ୍ୟ ଅଭିନେତା ହେଲି। ଜଞ୍ଜାଳମୟ ଜୀବନରେ ଆମେ ହସିବା ପ୍ରାୟ ଭୁଲିଯାଇଛେ। କାହାଓଠରେ ଟିକେ ହସ ଫୁଟାଇ ପାରିବା କଣ ସହଜ?

**ଓଡିଆ ସିନେମାର ବର୍ତ୍ତମାନ ଓ ଭବିଷ୍ୟତ?**

ମଝିରେ ଓଡିଆ ସିନେମାର ଅବସ୍ଥା ଖରାପ ହୋଇଯାଇଥିଲା। ଏବେ ଭଲ ଅଛି। ଟିଭି ଧାରାବାହିକ ଓ ଆଲ୍‌ବମ୍‌ରୁ ନୂଆ ଅଭିନେତା, ଅଭିନେତ୍ରୀ ସିନେମା ଜଗତକୁ ଆସୁଛନ୍ତି। ଆଗକୁ ଓଡିଆ ସିନେମା ଭଲ ହେବ।

**ଆପଣଙ୍କର ଏକ ସ୍ୱତନ୍ତ୍ର ଷ୍ଟାଇଲ୍ ଅଛି । ବିଶେଷ କରି ଆପଣଙ୍କ ହସ ।**

ଶାସ୍ତ୍ରୀୟ ସଂଗୀତରେ ଯେମିତି ଅଭ୍ୟାସ ଦରକାର, ଏଭଳି ହସପାଇଁ ସେମିତି ଅଭ୍ୟାସ ଦରକାର। ବହୁ ଅଭ୍ୟାସ ପରେ ମୁଁ ଏମିତି କରିପାରିଛି।

**ଓଡିଆ ସ୍କ୍ରିପ୍‌ଟ ଲେଖକ କାହିଁକି ହିନ୍ଦୀ ସିନେମା ସ୍କ୍ରିପ୍‌ଟ ଅନୁବାଦ କରୁଛନ୍ତି? ଓଡିଆ ସାହିତ୍ୟରେ କଣ ଭଲ ନାଟକର ଅଭାବ ଅଛି?**

ଏହା ଏକ ସହଜ ଓ ସରଳ ଉପାୟ। ପୁଣି ଯେଉଁ ।ହିନ୍ଦୀ ସିନେମା ସଫଳ ହେଲା, ତାହାର ଓଡିଆ ଅନୁବାଦ ହେଉଛି। ଆଶା- ଏହା ମଧ୍ୟ ଓଡିଆ ଦର୍ଶକଙ୍କ ଦ୍ୱାରା ଆଦୃତ ହେବ।

**ଆପଣଙ୍କର କିଛି ବିଫଳତା?**

ଅଶୀଦଶକରେ ଯାତ୍ରା ଦଳଟିଏ ଗଢିଥିଲି- ଶ୍ରୀ ଶ୍ରୀ ଜଗନ୍ନାଥ ଗଣନାଟ୍ୟ। ବହୁ ନାମୀ କଳାକାରଙ୍କୁ ନେଇ ଏହା ହୋଇଥିଲା। ତେବେ ବହୁତ କ୍ଷତି ସହିଲି ଓ ଏହାକୁ ବନ୍ଦ କରିବାକୁ ବାଧ୍ୟ ହେଲି।

**ମ୍ୟାଜିକ୍ କଣ ପୁରା ଛାଡିଦେଲେ?**

ନା, ଏବେ ବି ମୁଁ ମ୍ୟାଜିକ୍ ଛାଡିନାହିଁ। ଏବେ ମଧ୍ୟ ଯେଉଁ ମଞ୍ଚକୁ ମୋତେ ହାସ୍ୟରସ ପରିବେଷଣ କରିବାକୁ ଡକାଯାଏ, ପ୍ରଥମେ ମୁଁ କିଛି ମ୍ୟାଜିକ୍ ଦେଖାଏ।

**ଆପଣଙ୍କର ପସନ୍ଦର ଅଭିନେତା?**

ହିନ୍ଦୀରେ କାଦର ଖାନ୍ ଆଉ ଓଡିଆରେ ବିଜୟ ମହାନ୍ତି।

**ପ୍ରିୟ ଖାଦ୍ୟ?**

ଭାତ, ଡାଲି ଓ ତରକାରୀ।

**ପ୍ରେମ କରିଛନ୍ତି କେବେ?**

ଏତେବେଳ ଯାଏଁ କଣ ଆଉ ଗପୁଥିଲି? ଏହା ମୋର ପ୍ରେମ କାହାଣୀ ନୁହେଁ କି? ଆବାଲ୍ୟ ଆରମ୍ଭ ହୋଇଥିବା କଳାସହ ମୋର ପ୍ରେମ ଏବେବି ଚାଲିଛି ଆଉ ଶେଷ ନିଃଶ୍ୱାସ ଯାଏଁ ଚାଲିଥିବ।



**ସହଧର୍ମିଣୀ ମୀରା ସାମଲ**

### ହିରୋ ବା ଚରିତ୍ର ଅଭିନେତା ହୋଇଥିଲେ ଭଲ ହୋଇଥାନ୍ତା: ମୀରା

ଜୟୀଙ୍କ ଲୋକପ୍ରିୟତାରେ ଖୁସି ତାଙ୍କ ସହଧର୍ମିଣୀ ମୀରା ସାମଲ। ତେବେ ଜୟୀ ସାମଗ୍ରିକଭାବେ ଜଣେ ହାସ୍ୟ ଅଭିନେତା ହୋଇଯିବା ତାଙ୍କ ପସନ୍ଦ ନୁହେଁ। ବରଂ ସେ ନାୟକ ବା ଚରିତ୍ର ଅଭିନେତାଟିଏ ହୋଇଥିଲେ ସେ ଅତ୍ୟଧିକ ଖୁସି ହୋଇଥାନ୍ତେ ବୋଲି କହିଛନ୍ତି। ଅତ୍ୟଧିକ କାମ ଜୟୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଏଣୁ ମୀରା ସ୍ୱାମୀଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ବେଶି ଚିନ୍ତିତ। ବିବାହ ପରେ ଜୟୀ ପାଦ ଦେଇଥିଲେସିନେମା ଜଗତରେ ଓ ତାଙ୍କ ଖ୍ୟାତି ବଢିଥିଲା। ତେଣୁ ପତ୍ନିଙ୍କୁ ବହୁତ ଭଲ ପାଆନ୍ତି ସେ। ଦୁଇ ପୁତ୍ର ଜ୍ୟୋତିରଂଜନ, ମନୋରଂଜନ ଏବଂ ଦୁଇଝିଅ ଗାୟତ୍ରୀ ଓ ମୈତ୍ରୀ ବାପାଙ୍କ ସଫଳତାରେ ବେଶ ଖୁସି।


## ଆଗାମୀ ଆକର୍ଷଣ

ଆଗାମୀ ସଂସ୍କରଣରେ ପଢିବାକୁ ପାଇବେ, ଓଡିଶାର ଭାଗ୍ୟନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ପାଳନ କରିଥିବା ପାରଳା ଖେମୁଣ୍ଡି ରାଜ ନଅରର ହାଲ୍‌ଚାଲ୍, ଓଡିଶା ଭାଷା ସଂସ୍କୃତିର ପୁନର୍ଜୀବନ ପାଇଁ ଓଡିଆଭାଷା ଆନ୍ଦୋଳନରେ ପୁରୋଧା ସାଜିଥିବା ସୂରଙ୍ଗୀ ରାଜଗଡର ଭଗ୍ନାବଶେଷ ଓ ଆହୁରି ଅନେକ କାହାଣୀ ଓ କବିତା।

# ବଡ ଦେଉଳରୁ ୧୦ହଜାର ପାରା ବିଲୁପ୍ତ, ଏବେ ହାତ ଗଣତି




ପୁରୀ, ୫/୬ (ଇମିସ): ବର୍ଷେ ନୁହେଁ କି ଦୁଇ ବର୍ଷ, ବଡ ଦେଉଳର ନିର୍ମାଣ ଦିନରୁ ହିଁ ଶ୍ରୀମନ୍ଦିର ସହ ପାରା ମାନଙ୍କର ସଂପର୍କ ରହି ଆସିଛି। ଏହି ସଂପର୍କକୁ ନେଇ 'ଦେଉଳି ପାରା' ଶବ୍ଦର ସୃଷ୍ଟି ହୋଇଥିଲା। ଦେଉଳ ଗର୍ଭ ଏବଂ ଉପରେ ପାରାର ବସବାସକୁ ନେଇ ଯୋଡି ହୋଇଯାଇଥିଲା ଭକ୍ତର ଭାକ୍ତିଭାବନା। ପୂର୍ବ ଜନ୍ମରେ ଧର୍ମ କରିଥିଲେ ଭକ୍ତ ପାରାରୂପରେ ଜନ୍ମ ନେଇ ମହାପ୍ରଭୂଙ୍କ ବଡ ଦେଉଳରେ ଆଶ୍ରୟ ନେବାର ସୁଯୋଗ ଥାଏ ବୋଲି ବିଶ୍ୱାସ ଓଡିଆ ଜନମାନସରେ ରହି ଆସିଛି। ଏଥିପାଇଁ ପୂର୍ବକାଳରେ ଶ୍ରୀ ମନ୍ଦିର ଦର୍ଶନରେ ଆସୁଥିବା ଭକ୍ତମାନେ ପାରାମାନଙ୍କ ପାଇଁ ପଞ୍ଚ ଶସ୍ୟ (ଧାନ, ବିରି, ମୁଗ, କୋଳଥ ଓ ଚଣା) ଖାଦ୍ୟ ନେଇ ଆସିବାର ପରଂପରା ଅତୀତରୁ ଚଳିଆସୁଥିଲା। ଏହି ଦୃଶ୍ୟ ଏବେ ଇତିହାସ। ସେହି ପରି ବଡ ଦେଉଳରେ ବସବାସ କରୁଥିବା ପାରାମାନଙ୍କୁ ନେଇ ଅନେକ ଭକ୍ତିଗୀତର ସୃଷ୍ଟି ହୋଇଥିଲା। 'ମୁଁ ତ ବଡ ଦେଉଳର ପାରାରେ, ନୀଳଚକ୍ର ମୋର ଆଶରା', 'ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡି ଉଡି କି' ଆଦି ଭକ୍ତି ଗୀତ ଏହାର ଏକ ନଜିର ମାତ୍ର। ଦର୍ଶନ ଶାସ୍ତ୍ରସହ ଯୋଡି ହୋଇଥିବା, 'ଓଲଟ ବୃକ୍ଷେ ଖେଳୁଛି ଲୋଟଣିପାରା' ଇତ୍ୟଦି ଗୀତରେ ମଧ୍ୟ ଏହି ପାରା ମାନଙ୍କ ସ୍ଥିତିକୁ ମାନ୍ୟତା ଦିଆଯାଇଥିଲା।





ବଡ ଦେଉଳରୁ ଏବେ ପାରା ବଂଶ ଲୋପ ପାଇବା ସଙ୍ଗେ ସଙ୍ଗେ ପାରାକୁ ନେଇ ସୃଷ୍ଟି ହୋଇଥିବା ଭକ୍ତି ସଂଗୀତ ମଧ୍ୟ ବିଲୁପ୍ତ ହେବାରେ ଲାଗିଛି। ତେବେ ଶ୍ରୀମନ୍ଦିର ସହ ପାରାର ସଂପର୍କ କେଉଁଠୁ ଆରମ୍ଭ ହୋଇଥିଲା? ଏହାର ଇତିହାସ କଣ? ଏମିତି ଅନେକ ଅସମାହିତ ପ୍ରଶ୍ନ ରହିଛି। କିଛି ତଥ୍ୟାଭିଜ୍ଞ କହନ୍ତି, ବଡ ଦେଉଳ ନିର୍ମାଣ କରିବାକୁ ଆସିଥିବା ଶିଳ୍ପୀମାନେ ନିଜ ସାଙ୍ଗରେ ଏହି ପାରା ମାନଙ୍କୁ ନେଇ ଆସିଥିଲେ। ସେତେବେଳେ ଡାକ ବ୍ୟବସ୍ଥା ନଥିବା ବେଳେ ଏହି ପୋଷା ପାରା ମାନେ ବାର୍ତ୍ତା ପ୍ରେରଣରେ ସହାୟକ ହେଉଥିଲେ। ଏହି ପାରା ଶିଳ୍ପୀଠାରୁ ଖବର ନେଇ ଘରେ ପହଞ୍ଚାଇବା ସହ ଘରୁ ଶିଳ୍ପୀମାନଙ୍କ ପାଇଁ ବାର୍ତ୍ତା ଆଣିଦେଉଥିବା କଳ୍ପନା କରାଯାଉଛି। କାଳ କ୍ରମେ ଏହି ପାରା ମାନଙ୍କର ବଂଶ ବୃଦ୍ଧି ହୋଇଥିବ। ଦୁଇ ଶହ ବର୍ଷ ପୂର୍ବେ ଶ୍ରୀ ମନ୍ଦିରରେ ୧୦ହଜାରରୁ ଅଧିକ ପାରା ରହୁଥିବାର ପ୍ରମାଣ ରହିଛି। ଖାଲି ପାରା ବ୍ୟତୀରେକ ଅସଂଖ୍ୟ ରଙ୍ଗ ବେରଙ୍ଗ ଶୁଆ ବି ମନ୍ଦିର ବେଡାରେ ଆସ୍ଥାନ ଜମାଇଥିଲେ। ବର୍ତ୍ତମାନ ଭଳି ସେତେବେଳେ ସେମାନଙ୍କୁ କୌଣସି ବିପଦ ନଥିବାରୁ ଶ୍ରୀ ମନ୍ଦିର ଶିଖରରେ ଅସଂଖ୍ୟ ଚଡେଇ, ପାରା ଓ ଶୁଆ ଆଦି ପକ୍ଷୀ ବସବାସ କରୁଥିବାର ନଜିର ଅଛି। ପଚିଶି ବର୍ଷ ତଳେ ବି ଏହି ମନ୍ଦିର ଶୀର୍ଷରେ ଅସଂଖ୍ୟ ପାରା ଓ ଶୁଆ ରହୁଥିଲେ ବୋଲି ବରିଷ୍ଠ ସେବାୟତମାନେ ବୟାନ ଦିଅନ୍ତି।


ଶ୍ରୀ ଜଗନ୍ନାଥ ସଂସ୍କୃତି ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ତଥା ସେବାୟତ ଇଂ ବଳଦେବ ସଂଗାରୀ କହନ୍ତି, ପିଲା ବେଳେ ହଜାର ହଜାର ପାରା ଆଉ ରଙ୍ଗିନ ଶୁଆ ଦେଉଳ ଉପରେ ଦେଖୁଥିଲେ। ବଡ ଦେଉଳ ଗର୍ଭଗୃହ ଉପର ମହଲାରେ ପ୍ରଚୁର ଧାନ ଥିଲା। ଏହି ଧାନ ପାରା ଆଉ ଶୁଆଙ୍କ ଖାଦ୍ୟ ଥିଲା। ଏବେ ପାରା,



ଶୁଆ କୁଆ ଡେଗଲେ କେଜାଣି? ସେହିଭଳି ପ୍ରତିହାରୀ ନିଯୋଗର ସଂପାଦକ ରବୀନ୍ଦ୍ରନାଥ ପ୍ରତିହାରୀ କହିଛନ୍ତି, ପିଲା ଦିନେ ସେ ଦେଖିଛନ୍ତି ବଡ ଦେଉଳ ଉପରେ ହଜାର ହଜାର ପାରା ଥିଲେ। ସେବର ବଡ ଦେଉଳ ଉପର ନିରୋଳା ପରିବେଶ ଏବେ ନାହିଁ। ମଣିଷ ହସ୍ତକ୍ଷେପ ବୃଦ୍ଧି ଯୋଗୁଁ ଭୟରେ ପାରା ବଡ ଦେଉଳ ଛାଡିଥିବା ମତ ସେ ଦିଅନ୍ତି।

ବାସ୍ତବରେ ବଡ ଦେଉଳରୁ ଚୁନ ଛଡାଯିବା ପରେ ପାରା ସଂଖ୍ୟାରେ ଦୃତ ହ୍ରାସ ପାଇବା ଲାଗିଛି। ଏହାପରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏ ଏସ ଆଇ)ର ନିୟମିତ ମରାମତି, ସଂରକ୍ଷଣ କାର୍ଯ୍ୟ ପାରା ମାନଙ୍କ ଆବାସକୁ ନଷ୍ଟ କରିବାରେ ଅଧିକନ୍ତୁ ଦାୟୀ। ଶ୍ରୀ ମନ୍ଦିରରେ ଭାରା ବନ୍ଧାଯିବାପରେ ମାଙ୍କଡମାନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି।

ଏବେ ବଡ ଦେଉଳ ଉପରେ (ବାହାର ପାର୍ଶ୍ୱରେ) ଗୋଟିଏ ବି ପାରା ଦେଖାଯାଉନି। ଗର୍ଭ ଗୃହ, ଭୋଗମଣ୍ଡପ, ନାଟ ମଣ୍ଡପ, ଗୁମୁଟ ଆଦି ସ୍ଥାନରେ ଏବେ ଅଳ୍ପ ସଂଖ୍ୟକ ପାରା ଅଛନ୍ତି। ଭକ୍ତଙ୍କ ଭକ୍ତି ଭାବନାର ପ୍ରତୀକ 'ପାରା' ଶେଷରେ ଦିନେ ଶ୍ରୀ ମନ୍ଦିର ଇତିହାସରୁ ଲୋପ ପାଇଯିବା ଆଶଂକା ଏବେ ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିନ୍ଦୁ ସାଜିଛି।



# ତୁମେ ଚାଲିଯିବା ପରେ

**ସତ୍ୟବ୍ରତ ମିଶ୍ର**

ତୁମେ ଚାଲିଯିବା ପରେ
ସବୁକିଛି ସରିଗଲା ପରି ଲାଗେ,
ଶୁଭେ ନାହିଁ ତୁମ-
ଖିଲି ଖିଲି ହସ ଆଉ ଚୁପି ଚୁପି କଥା,
ରହିଯାଏ ମୋ ଛାତିର ଧମନୀରେ ଖାଲି-
ମେଞ୍ଚା ମେଞ୍ଚା ବିରହର ବ୍ୟଥା।

ତୁମେ ଚାଲିଯିବା ପରେ
ତୁମ ମୁହଁ ଲୁଚିଯାଏ
ଦିଗ୍ ବଳୟର ସେପାରିରେ,
ବେଲୁନବାଲା ସେ ମେଞ୍ଚଡ ଟୋକାଟା
ଆସି ପଚାରେ
"ସାର୍, ମ୍ୟାଡାମ୍ କ'ଣ ଆଜି ଆସି ନାହାନ୍ତି
କି?"
ମୋ ଠାରୁ "ନା" ଶୁଣି ବି ଛିଡା ହୁଏ,
ମୁଁ ତାକୁ ଦେଖେ, ତା ଆଖିକୁ ଦେଖେ
ଖୁସି ହୁଏ- ତା'ଆଖିରେ ବି ସ୍ୱପ୍ନ ଥାଏ।
କେବେ ଅବା ବେଲୁନ୍‌ଟେ ଦେଇ
ସେ ଦଉଡି ପଳାଇଯାଏ
"କାଲି ମ୍ୟାଡାମ୍‌ଙ୍କଠୁଁ ପଇସା ନେବି" କହି
ସେ ଚାଲିଯିବା ପରେ ମୁଁ ହସି ପକାଏ
ତୁମେ ଏଇ ବୟସରେ ବି ବେଲୁନ୍ ପ୍ରୀତିର
ଏ ନିତିଦିନିଆ ସିରିଏଲ୍‌କୁ ମନେ ପକାଇ।

ତୁମେ ଚାଲିଯିବା ପରେ
ସଁ ସଁ ଶବ୍ଦ କରେ
ତାଳ ଗଛ- ନଦୀକୂଳେ
ମତେ ଡର ଲାଗେ
ଲୁଚିବାକୁ ମନହୁଏ ତୁମ ପଣତର ତଳେ,
ହେଲେ ତୁମେ ତ ନଥାଅ ସେଇଠି
ଥାଏ ଖାଲି-
ଶାମୁକା ଓ ଓଦା-ଓଦା ବାଲି
ଅବା ବତକର ଅଷ୍ଟଭଙ୍ଗୀ ଚାଲି।

ତୁମେ ଚାଲିଯିବା ପରେ
ପଶ୍ଚିମର ଦିଗନ୍ତରେ ଅନାଏ ତ
ଦିନାନ୍ତର ଶେଷସୂର୍ଯ୍ୟ ହସୁଥାଏ
ନାଲି-ନାଲି ମେଘର ଓଠରେ,
ଦୀନାକାକା ଡଙ୍ଗାବାହି ଆସି ପଚାରେ,
"ବାବୁ, ଶେଷ ଟ୍ରିପ୍, ତିନି ଟଙ୍କା ଦେବ
ନଦୀ ପାରି କରିଦେବି"।
ମୁଁ ଡଙ୍ଗାରେ ବସେ, ଡଙ୍ଗା ଚାଲେ,
ଦୀନାକାକା ଗୀତଗାଏ,
ସେ ଗୀତରେ ବି ନଥାଏ କିନ୍ତୁ
ଅଦନାନ୍ ସାମୀଙ୍କ ବ୍ୟକ୍ତି ଅବା ବସ୍ତୁଲୋଭ
ଥାଏ ଖାଲି ବିଷାଦର ଭାବ।

ତୁମେ ଚାଲିଯିବା ପରେ
ତୁମ ନିରୁତା ହସର ସମ୍ମତି ବିନା
ପ୍ରଶଂସା ସବୁ ମନେହୁଏ ଯେମିତି ଭର୍ତ୍ସନା,
କାନ୍ଦିବାକୁ ମନହୁଏ ସିନା
ହେଲେ ତୁମପରି କାନ୍ଧଟିଏ ଆଉ କାହିଁ କୁହ!
ଯେଉଁଠାରେ ମଥାରଖି
ମୁଁ ଝରାଇ ପାରିବି ଲୁହ।

ତୁମେ ଚାଲିଯିବା ପରେ
ଦିନ ଯାଏ ଦିନ ଆସେ
ହେଲେ ଯେବେ ତୁମ ଚିଠି ଆସେ
ମୋ କାଛର ସୂର୍ଯ୍ୟମୁଖୀ ହସେ,

---

# ଜଳିଲେ ପେଟ, ହୁଏ କି ପାଠ

**ଦୁଃଖୀଶ୍ୟାମ ସେଠୀ**

ଟିକି ପିଲାଟିଏ କାମ କରୁଅଛି
ମୁଲିଆଙ୍କ ସଙ୍ଗେ ମିଶି
ହାଲିଆ ହେଲେ ବି କାମ ଛାଡିଦେଇ
ପାରୁନି ଟିକିଏ ବସି।
ପଚାରିଲେ ତାକୁ କି'ଭାବି ମନରେ
ତଳକୁ ପୋତଇ ମଥା
ପୋଛି ଆଖି ଲୁହ, ଚପାଇ ତା' କୋହ
କହେ ତା ଦୁଃଖର କଥା।
"ବାପ ଯାଇଥିଲା ଦାଦନ କାମରେ
ସେ କେଉଁ ଅଶୁଭ ବେଳେ,
ଖବର ଆସିଲା, ମରିଗଲା ବୋଲି
କୋଇଲା ପାହାଡ ତଳେ।
ପରଘରେ ମା' କାମ କରି ଯାହା
ଆଣୁଥିଲା ମାଗି ଯାଚି,
ସେତିକିରେ ଆମେ ଚଳୁଥିଲୁ, ଦୁଃଖେ
ବଳକା ରହେନି କିଛି।
ଓଳିଏ ଖାଇଲେ ଓଳିଏ ଉପାସ
ଭୋକେ ଜଳୁଥାଏ ପେଟ
ତଥାପି ମୋ ମା' କହୁଥିଲା ମୋତେ
ନିତି ପଢିବାକୁ ପାଠ।
ପୁଣି କହୁଥିଲା ଭଲ ପାଠ ପଢି
ହେବାପାଇଁ ବଡ ଲୋକ,
ଭବିଷ୍ୟତ ମୋର ଉଜ୍ଜଳ ହୋଇବ
ରହିବ ଗାଁ'ର ଟେକ।
ମାଆ ମୋର ଏବେ ରୋଗରେ ପଡିଚି
ଘରେ ଖାଇବାକୁ ନାହିଁ,
ଟଙ୍କାଟିଏ ହେଲେ ଉଧାର ମିଳୁନି
ଔଷଧ କିଣିବା ପାଇଁ।
ବିଚାରିଲି ମନେ କେତେ ଦିନ ଆଉ
ଭୋକେ ହେବୁ ଛଟପଟ,
ପେଟ ଜଳୁଥିଲେ ପାଠଶାଳା ଗଲେ
ମନେ କି ରହିବ ପାଠ?
ଅଭାବରେ ପଡି ପାଠ ପଢ଼ାଛାଡି
ମୂଲ ଲାଗୁଅଛି ମୁହିଁ,
ଖଟଣି ନ କଲେ ପେଟ ପାଇଁ ମୁଠେ
ଆହାର ମିଳଇ ନାହିଁ।
ପାଠପଢା ଆଉ ମାଆର ସପନ
ମନରୁ ଦେଲି ମୁଁ ପୋଛି,
ଭୋଗିବାକୁ ହେବ ଫଟା କପାଳରେ
ବିଧି ଯାହା ଲେଖିଅଛି।
ଦୁଃଖୀଘରେ ଯିଏ ଜନମ ନେଇଛି
ଭୋକେ ଯା'ର ଜଳେ ପେଟ,
ଭବିଷ୍ୟତ ତା'ର ଘୋର ଅନ୍ଧକାର
ସପନ ତା' ପାଇଁ ପାଠ।
ଅଗଣିତ ଶିଶୁ ଶ୍ରମିକ ମୋ' ଭଳି
ଖଟୁଛନ୍ତି ପେଟ ପାଇଁ,
ପାଠ ପଢା, ଜ୍ଞାନ ଅରଜନ ତାଙ୍କ
କପାଳରେ ଲେଖା ନାହିଁ।

ନିମ୍ନୋକ୍ତ କବିତାଟି ଏକ ବ୍ୟତୀକ୍ରମ। ଯଦି ଆପଣ ଧ୍ୟାନ ଦେଇ ଦେଖିବେ ଏହି କବିତାର କୌଣସି ଧାଡି କିମ୍ବା ପଦରେ ବ୍ୟଞ୍ଜନ ବର୍ଣ୍ଣର ଚିହ୍ନ ପାଇବେ ନାହିଁ। ଏହି ପରି ଅନେକ କବିତା ସଂକଳନର ଅଧିକାରୀ ଶ୍ରୀ ପ୍ରଶାନ୍ତ ମହାନ୍ତିଙ୍କ ଅନେକ କୃତି ବିଭିନ୍ନ ମହଲରେ ପୁରସ୍କୃତ ହୋଇ ସାରିଛି। ଏହିଠାରେ ଆମେ ଉପସ୍ଥାପନ କରୁଛୁ ଏହି ଛୋଟିଆ କବିତାଃ ଆମ ଗଉର

# ଆମ ଗଉର

**ପ୍ରଶାନ୍ତ ମହାନ୍ତି**

ଆଠ ବରଷର ଆମ ଗଉର
ସଅଳ ଉଠଇ ଜପଇ ହର।
ଗମନ କରଇ ପଠନ ଘର
ସମୟ ଧନର ବଡ ଆଦର।
ମହତ କରମ ସହନ ପଣ
ହରଇ ପରର ମନ କଷଣ।
ହସ ଝର ଝର ସତ ବଚନ
ସରଗ ସପନ ନରମ ମନ।
ବଇଠକ ଘର କରଇ ସଜ
ଗଡଇ ଫଉଜ ମନ ମଉଜ।
ଭକ୍ଷଇ ପଣସ ବହଳ ସର
ପଇଡ କଇଠ ଆତ ଜବର।
ଗଛର କରଇ ବଡ ଜତନ
ଗଉର ଅଟଇ ଘର ରତନ।

# ଅତିକ୍ରମଣ

**ବ୍ରଜକିଶୋର ଦାସ ଅରିନ୍ଦମ୍**

ବିକଶିତ ହୁଅ
ସମାହିତ ହୁଅ
ଉଦ୍ଦୀପ୍ତ ହୁଅ।
ଫୁଲକୁ ବି ଫୁଟିବାକୁ ପଡେ
ମନୁଷ୍ୟ ପୁତ୍ରକୁ ବି କ୍ରୁଶବିଦ୍ଧ ହେବାକୁ ପଡେ
ବିଦ୍ୟୁତ୍ ବି ଜଳିବାକୁ ପଡେ
ପ୍ରଥମେ ସ୍ପର୍ଶ କର ମାଟିକୁ
ତା'ପରେ ଆପଣା ଛାତିକୁ
ପ୍ରଥମେ ଦେଖ ଆକାଶକୁ
ତା'ପରେ ଦେଖ ଦର୍ପଣକୁ
ଶେଷରେ
ନିଜ ଭିତରେ ଦେଖ ପୃଥିବୀକୁ
ସୀମା ଭିତରେ ଦେଖ ଅସୀମକୁ।

# ସଂଜ

**ସୁକାନ୍ତ କୁମାର ପଟନାୟକ**

ଯୋଗାସନେ ବସେ
ସଂଜଦୀପଟିଏ ଜଳିଲେ,
ଦିବ୍ୟମନ୍ତ୍ରେ ମାଳା ଜପେ
ତାରାଟିଏ ଡେଇଁଲେ,
ନିର୍ବାଣେ ଦେହତ୍ୟାଗେ
ହୁକେ ହୁ ଶୁଭିଲେ।

# ଭୁଲିବା

**ବିପିନ୍ ନାୟକ**

ଡେକ୍‌ଚିଏ ଦୁଧକୁ
ଚୁଲିରେ ବସେଇ
ଭୁଲିଗଲା ପରି
ମୋତେ କିଏ
ଭୁଲିଛି ଯେ, ଭୁଲିଛି।
ତା'ର
ଅଯତ୍ନ କି
ଖିଆଲି ପଣରେ
ବାରମ୍ବାର
ଉତୁରି ଉତୁରି
ନିଆଁରେ ପଶିବା
ବୋଧେ ମୋର
କପାଳରେ ଅଛି।

# ଶୀତ

**ନରେଶ ମଣ୍ଡଳ**

କି ଫୁଲ ଗୋଟାଏ
ତମ ଗଭାରେ ଖୋସିଛ ଯେ
ସାରା ଆକାଶଟା ଖାଲି
ମହକି ଉଠୁଛି।
କି କୁହୁକ ସ୍ୱପ୍ନ
କବିଟିର ଆଖିରେ ଭରିଛ ଯେ
କହ୍ନରେ ଭିଜି ଭିଜି ଖାଲି
କବିତା ଲେଖୁଛି।

# ପ୍ରଶ୍ନ

**ବିପିନ ମହାପାତ୍ର ଉପଗୁପ୍ତ**

ଆଦି-ଅନ୍ତ
ଗୋଟିଏ ଯୁଗର
ଉଦୟ-ଅସ୍ତ
ଗୋଟିଏ ଦିନର
ଜନ୍ମ- ମୃତ୍ୟୁ
ଗୋଟିଏ ଜୀବନର
ତୁମେ ସ୍ରଷ୍ଟା,
ତୁମେ କିଆଁ ଲାଞ୍ଛିତ, ଘୃଣିତ ଆଜି
ଦୁନିଆ ଆଖିରେ?
ତୁମେ କ'ଣ
ଅନ୍ୟାୟ ଅବିଚାର କରୁଛ???

# ଫୋନିକ୍ସ

**ଅମୀୟବାଳା ପଟ୍ଟନାୟକ**

ଜଳିବାରେ ତୃପ୍ତି ଅଛି,
ଜାଳିବାରେ ତା'ଠୁ ଅଧିକ,
ଯେଉଁପ୍ରେ ଜଳେ
ସୂର୍ଯ୍ୟ ଜଳାଏ ବ୍ରହ୍ମାଣ୍ଡ।
ମୁଁ ତ ନିଇତି ଜଳେ
ମୁଁ ବା କିସ ବଖାଣିବି
ଆଉ କାହା ଜ୍ୱାଳାର କାହାଣୀ
ଅତଏବ ଜଳିବାକୁ ଦିଅ ମତେ,
ଜଳୁଥିବି ଏବଂ
ପୁନର୍ବାର ସେଇ- ପାଉଁଶରୁ
ଜନ୍ମ ଲଭୁଥିବି।

**ଆସ ଆମେ ସମସ୍ତେ ଏକାଠି ହେବା, ଓଡିଆ ଭାଷା ଆଉ ଓଡିଆ ସଂସ୍କୃତିର ରକ୍ଷଣାବେକ୍ଷଣ କରିବା ।**

## ତୁମେ

### ଗୌରୀ ପ୍ରସାଦ ମହାପାତ୍ର

'ତୁମେ ଗୋଟିଏ ସିଗ୍ରେଟ୍ ପରି
ଏ' ଓଠରୁ ଚୁମ୍ବନ ନେଇ, ନିଜେ ଜଳିଲ
ଏବଂ ମୋତେ ଉତ୍ତୋଳିତ କଲ,
ଏଇ ଓଠ ସିଝି ସିଗ୍ରେଟ୍ ପିଏନା
ପ୍ୟାକେଟ୍ ପ୍ୟାକେଟ୍ ସିଗ୍ରେଟ୍‌କୁ ଚୁମ୍ବନ ଦିଏନା
କିନ୍ତୁ -
ଏଇ ଓଠରେ, ବଂଶୀ ବାଜଇ,
ଜୀବନର ସ୍ୱପ୍ନକୁ ସୁର ଦେବାପାଇଁ
ତୁମେ ବଂଶୀ ନ ହୋଇ
ଗୋଟାଏ ଜଳନ୍ତା ସିଗ୍ରେଟ୍ ହେଲ
ଲିଭିଯାଇ ସମୟର ଅନ୍ଧାର ନଇରେ-
ମୋ ମନର ଆସ୍‌ଟ୍ରେ ରେ ପାଉଁଶ ଭରିଲ।

## ନିର୍ଯ୍ୟାସ

### ବିଜୟ୍ କୁମାର ପାତ୍ର

ସାଗରକୁ ଭଲପାଏ
କରି ମୁଁ ଏକାନ୍ତ ନିଜର,
ଯେ ଛୁଇଁବି ପାରିନି
ଆଜି ଅନନ୍ତ ଆକାଶ।
ଏ ପୃଥିବୀ ଦେହରେ
ଏକାକାର
କରିନି ସେ ସାମ୍ରାଜ୍ୟ ବିସ୍ତାର
ମୁଁ ଦେଖିଛି ତା' ଦେହରେ
ଭଗ୍ନ ଉପକୂଳେ
ମୃତ୍ୟୁ-ମୃତ୍ୟୁ ଶାମୁକାର ସ୍ତୁପ।



## ସଂପ୍ରତି

### ଅମୀୟବାଳା ମୁନି

ଯଦି ବା ମୁଁ ଜାଣିନି
ତମ ନିରବତା ଇ
ମୋ ପାଇଁ ତମର ଅନେକ ପ୍ରତିଶୃତି
ତଥାପି କାହିଁକି ଆଜି
ତମର ଏ ନୀରବତାର କାରଣ ଖୋଜୁଛି?
ସତ୍ୟକୁ ଜାଣିବା ଲାଗି
ଅନେକ କିଛି ମିଥ୍ୟାର ଛାତି ଚିରି
ଅସଲ ସତ୍ୟକୁ ଖୋଜିନେବା
ନିହାତି ଆବଶ୍ୟକ ବୋଲି
ମୁଁ ଆଜି ସାଂଘାତିକ ତୀବ୍ର ହୋଇ ଉଠୁଛି।

## ସମୟ

### ଧାରାବାହିକ କାହାଣୀ

### (ପୂର୍ବ ପ୍ରକାଶିତ ଉତ୍ତାରୁ)

ବାବୁ ଘର ଦୁଆର ପିଣ୍ଡାରେ ପୂର୍ବବତ ମେଳିକରି ବସିଛନ୍ତି। ରିନା ବୋଉ ଘର ଭିତରୁ ବାହାରକୁ ଦେଖୁଛି ପୁଣି ଘର ଭିତରକୁ ଚାଲିଗଲା। ମନେ ମନେ ଭାରି ରାଗିଲେ ବି ବାବୁଙ୍କ ଆଗରେ କିଛି କହିବାର ସାହାସ ନଥିଲା। ସକାଳ ପହରୁ ଯାଇ ଦିନ ଦି ପହର ହେଲା, ବାବୁ ଙ୍କ ଆସର ସରି ଆସିଲା, ବେଳକୁ ରିନାବୋଉ ରାଗରେ ପାଚି ଲାଲ ହୋଇଗଲାଣି। ବାବୁ ରୋଷେଇ ଘରକୁ ପଶିଲେ, ଆଉ ହସି ଦେଇ ବାହାରକୁ ଆସି କହିଲେ, "କ'ଣ ଆଜି ଆମେ ଦି ଜଣ ଯାକ ଉପବାସ କରିବା ବୋଲି ଯୋଜନା କରିଛ ନା କଣ?" ରିନା ବୋଉ ମନର ରାଗକୁ ଆଉ ବାନ୍ଧିରଖି ପାରିଲେନି। ସେ କହିଲା, "ପୁଅ ଟା ଚାରି ଦିନ ହେଲା ଘରୁ ଯାଇଛି ଯେ ସେ ଖାଇଲା କି ପିଇଲା, କିଛି ଚିନ୍ତା ନାହିଁ। କେମିତିକା ବାପ ହେଇଚନ୍ତି କେଜାଣି? ବାପଟାକୁ ନଦେଖି ମନକୁ କେତେ ପାପ ଛୁଇଁଲା ବେଳକୁ କାହାକୁ ଚିନ୍ତା ଥିଲେ ତ ହେବ?" ବାବୁ ବୁଝିଗଲେ। କୋତାହଳକ ପିଛି ବାବୁ ବାହାରିଗଲେ।

ଅଧ ଘଣ୍ଟାପରେ ବାବୁ ହାତରେ ଖାଇବା ଜିନିଷ ନେଇ ଫେରିଲେ। ମା'ଙ୍କୁ ଶେଯରୁ ଉଠାଇ ପାଖରେ ବସାଇ ଖାଇବାକୁ ବାଢିଲେ। ମା' ମନ ରୁଚୁନାହିଁ। କିନ୍ତୁ ବାବୁଙ୍କ ଆଗରେ ଅନ୍ନର ଅବମାନନା ଚଳିବନାହିଁ। ପ୍ରଥମ ଗୁଣ୍ଡାଟି ପାଟିରେ ଦେଉ ଦେଉ କାନ୍ଦିପକାଇଲେ। ବାବୁ କହିଲେ, "ଖାଅ, ଚିନ୍ତା କରନି, ତୁମ କୁଳମଣୀ ଭଲରେ ଅଛନ୍ତି, ଏବେ ଦେଖି ଆସିଲି। ବାବୁଙ୍କୁ ପ୍ରେମ ରୋଗ ଲାଗିଛି, ଜିଦ୍ କରୁଛନ୍ତି ଘର ବିକିଲେ ନୁଆ ଘର କିଣିବେ ଆଉ ସହର ମଝିରେ ଘର ଭଡାନେଇ ରହିବେ। ହୁଁ, ଯଦି ନିଜେ ଅର୍ଜନ କରିଥାନ୍ତା ଜାଣିଥା'ନ୍ତା। କେତେ କଷ୍ଟ ହୁଏ ଗୋଟିଏ ଘର ତିଆରି କରିବା। ମଲା ବେଳକୁ ମୋ ବାପାମା' ମୋ ପାଇଁ ଜମି ଖଣ୍ଡେ ଛାଡି ନଥିଲେ ଘର କରିବା ପାଇଁ। ନିଜ ଚେଷ୍ଟାରେ ଏଇ ଘର ଖଣ୍ଡୀକ କରିଛି, ଏଇଟାକୁ କେମିତି ବିକି ଦେବି। ଆଉ କାଲି ଯଦି ସେ କହିବ ଘରୁ ବାହାରି ଯାଅ, ତା'ହେଲେ ରିନା ବୋଉ ତୁମେ କୁହ କୁଆଡେ ଯିବା?" ବାବୁଙ୍କ ଆଖି କୋଣରୁ ଲୁହ ଦୁଇ ଟୋପା ଖସିପଡିବା ପାଇଁ ଉଦ୍ୟତ ହେଉଥିଲେ। ରିନା ବୋଉର କାନ୍ଦ ବନ୍ଦ ହୋଇଗଲା। କେତେ ପାପ ନ କଲି, ମୋ ଦେବତା ସମାନ ସ୍ୱାମୀଙ୍କ ଆଖିରେ ଲୁହ ଦେଇଦେଲି। ମନକୁ ବୁଝାଇ କହିଲା, "ଆମ ପୁଅ ସେ ପାଠ ପଢିନଥିଲେ କଣ ହେଲା, ଦୁନିଆରେ ଠିଆ ହେବା ଯୋଗ୍ୟ ତ ହେଇଛି। ଆମେ ଚିନ୍ତା କଲେ କ'ଣ ହେବ। ସେ କଣ ଆଉ ପିଲା ହେଇଚି ନା କଣ। ଯାହା ଠିକ ଭାବିବ କରିବ।" ବାବୁ ମା ଦୁହେଁ ଖାଇସାରି ଉଠିଲେ।

ସଂଧ୍ୟା ବେଳ ହେଲାଣି, ରିନା ବୋଉ ତୁଳସୀ ମୂଳରେ ଦୀପ ଲଗାଇ ମୁଣ୍ଡିଆ ମାରିଲା ବେଳେ ଘରକୁ ଆସିଲା ରବି। ରିନା ବୋଉ ଦୌଡିଯାଇ ପୁଅକୁ ଅଣ୍ଡାଳି ପକାଇ ଟାଣି ଆଣି ଅଗଣାରେ ପଡିଥିବା ଖଟରେ ବସାଇଲା। ଖାଇବୁ କିଛି ପଚାରି, ଉତ୍ତର ମିଳିବା ପୂର୍ବରୁ ଧାଇଁ ଯାଇ ଡବାରେ ଥିବା ମୁଡି ପୋଷେ ଧରି ଆସିଲା। ପୁଅ କହିଲା, "ଥାଉ ସେ ସ୍ନେହ, ବାପାଙ୍କୁ ଦେଖାଇବୁ। ମୁଁ ବଞ୍ଚିଲେ କି ମଲେ ତୋର ଯାଏଆସେ କେତେ? ଚାରିଦିନ ହେଲା ଘରୁ ଗଲି ଯେ ପିଲାଟା ବଞ୍ଚିଲା କି ମଲା ଟିକେ ବୁଝିଲୁନି? ବାପାଙ୍କ କଥା ଛାଡ, ସେ କେବେ ମୋ କଥା ପଚାରୁଥିଲେ ଯେ ଏବେପଚାରି ଥାଆନ୍ତେ?"

ରିନା ବୋଉ ଆଖିରେ ଆଖିଏ ଲୁହଧରି କହିଲା, "ହଇରେ ବାବୁ, ତୁ କେମିତି ଜାଣିବୁ ମା'ର ମନ? ଯଦି ତୋର ଗୋଟିଏ ବୋଲି ପୁଅ ହେବ ତେବେ ଯାଇ ଜାଣିବୁ।" ରବି ରାଗ ତମତମ ହୋଇ ଖଟିଆରୁ ଉଠିପଡି କହିଲା, "ଛବିର ବାପାମା' ବହୁତ ଚେଷ୍ଟା

କରୁଛନ୍ତି ଆମ ବିବାହ କରାଇ ଦେବେନି ବୋଲି, ସେଇଥି ପାଇଁ କାଲି ମୁଁ ଛବିକୁ ନେଇ ପଳାଇଯାଉଛି। ଆମେ ଯେଉଁଠି ହେଲେ ରହିବୁ, ବିବାହ କରିବୁ ଆଉ ସବୁ ଗଣ୍ଡଗୋଳ ସରିଲେ ଫେରିବୁ। ସେତିକି କହିବା ପାଇଁ ଆସିଥିଲି।"

ରିନା ବୋଉକୁ ଯେମିତି ଶକ୍ତ ଧକ୍କା ଲାଗିଲା, କଣ ହେଲା ଗୋଟିଏ ବୋଲି ପୁଅ ମନରେ କେତେ ଆଶା କରିଥିଲା ତା'କୁ ଟିକେ ବରବେଶରେ ଦେଖିବ ବୋଲି, ଘରକୁ ସୁନାନାକୀ ବୋହୁଟିଏ ଆଣିବ ବୋଲି। ଶେଷରେ କଣ ହେଲାନା ପୁଅ କାହାକୁ ଧରି ପଳାଇବ? "ହଇରେ ବାବୁ" ସେ କହିଲା, "ପଳାଇବୁ? କୁଆଡେ ପଳାଇବୁ? ଆଉ କାଲି ସବୁ ଗଣ୍ଡଗୋଳ ସଇଲେ ଆସିବୁ? ତା'ପରେ? ଭାବି ଦେଖିଛୁ, କାଲି ଯେତେବେଳେ ତୋ ପୁଅ ତତେ ପଚାରିବ, ବାପା ତୁମେ ବୋଉ କୁ କୋଉଠି ଆଉ କେତେବେଳେ ବାହାହେଇଥିଲ, କଣ ଉତ୍ତର ଦେବୁ? ଆଉ ତୋ ବାପା, ସେ ତ କଥା ଶୁଣିଲେ ନିଶ୍ଚଳ ହୋଇଯିବେ। ଆମ ମାନଙ୍କର କଣ କିଛି ଅଧିକାର ନାହିଁ?"

ରବି ବୁଲିପଡି କହିଲା, "ଅଧିକାର? ଖାଲି ଅଧିକାର ହିଁ ଦେଖାଇବୁ ଆଉ ମୋ ପ୍ରତି ତୁମମାନଙ୍କର କିଛି କର୍ତ୍ତବ୍ୟ ନାହିଁ?" ଏତିକି ବେଳେ କବାଟ ପାଖରୁ ବାବୁ ଆସୁଥିଲେ, କହିଲେ, "କର୍ତ୍ତବ୍ୟ? ନିଶ୍ଚୟ ଅଛି। କିନ୍ତୁ ଯଦି ତୁ ସେଇ ଝିଅଟିକୁ ଧରି ଫେରାର୍ ହେବା ଯୋଜନା କରିଛୁ, ସେଥିରେ ମୁଁ କିଛି ସାହାଯ୍ୟ କରିପାରିବିନି।" ରବି କହିଲା, "ମୁଁ କେତେ କହିଥିଲି, ଚାଲ ଏଇ ଘରକୁ ଛାଡ, ସହରରେ ଘର କିଣିବା, ସେଇଠି ରହିବା, ଛବି କୁ ବିବାହ କରିଥିଲେ ଆଜି ଏଇ ଅସୁବିଧା ହୋଇନଥାନ୍ତା।"

"ସହରରେ ଯାଇ ଘର କରିଦେଲେ, ଛବିର ବାପା ତୋ ସହ ତା'ଙ୍କ ଝିଅକୁ ବିବାହ ଦେଇଥା'ନ୍ତେ?" ବାବୁ କହିଲେ। ରବି କିଛି ନ କହି ରାଗ ତମତମ ହୋଇ ବାହାରିଗଲା। ରିନା ବୋଉ ଦୁଆର ପର୍ଯ୍ୟନ୍ତ ଦୌଡିଗଲା, କିନ୍ତୁ ରବି ରହିଲାନି। ସେଠାରୁ ଫେରି ବାବୁଙ୍କୁ କହିଲା, "ଯଦି ସେ କହୁଛି ନହେଲେ ଚାଲ, ସହରକୁ ଚାଲିଯିବା, ଅନ୍ତତଃ ଆମ ଘରର ଇଜ୍ଜତ ତ ଯିବନି।"

ବାବୁ ରିନାବୋଉ ଆଖିକୁ ଦେଖି କହିଲେ, "ବୁଝିଲ ରିନାବୋଉ, ତୁମେ ଘର କଣରେ ରହିଛ, ଦୁନିଆ ବାହାରେ କେତେ ଥର ବଦଳିଲାଣି ତୁମେ ଜାଣିପାରିବନି। ଆଉ ତୁମେ ଭାବୁଛ ମୋତେ ଭଲ ଲାଗୁଛି ଏହି ସବୁ କଥା ଶୁଣି? ମୁଁ ଯାଇଥିଲି ଛବିର ବାପାଙ୍କ ପାଖକୁ। ସେ ଯାହା କହିଲେ ମୁଁ ତୁମକୁ ନ କହିଲେ ଭଲ। କହିଲେ ଝିଅର ତଣ୍ଟିଚିପି ମାରିଦେବେ କିନ୍ତୁ ଗୋଟେ ଦୋକାନୀକୁ କେବେ ବି ଦେବେ ନାହିଁ। ଆଉ ଯଦି ରବି ବେଶୀ ହଇରାଣ କରିବ ତା'କୁ ମାରିଦେବେ ବୋଲି ଧମକି ଦେଲେ। ଆଉ ମୁଁ କଣ କରିଥାନ୍ତି?"

ରିନା ବୋଉର ଛାତି ଧଡଧଡ ହୋଇଗଲା। ବାବୁ ଯାଇଥିଲେ ଛବି ଘରକୁ? ଆଉ ଏତେ କଥା ହେଇଛି କିନ୍ତୁ ବାବୁ ତା'କୁ କିଛି ବି କହିନାହାନ୍ତି? ଏତେ ଅପମାନ ସହି ବି କେମିତି ହସ ହସ ମୁହଁରେ ରହିଛନ୍ତି ସେ?

"ରବିକୁ ଯାଇ କହିଲି" ବାବୁ କହୁଥିଲେ, "ବାପ ସେମାନେ ବଡ ଲୋକ, ତା'ଙ୍କ ଝିଅ ବଡଘରେ ହିଁ ଶୋଭା ପାଇବ। ଆମେ ଗରୀବ, ଦେଖୁଛି ଦୋକାନଟିଏ କରିଛୁ ଯେ କେତେ ଅସୁବିଧାରେ ଚଳୁଛୁ ଆମେ, କିନ୍ତୁ ସେ କିଛି ଶୁଣିଲାନି। ଆଉ ଏମିତି ପରିସ୍ଥିତିରେ କେମିତି ଏ ଘର ବିକି ମୁଁ ସହରକୁ ଚାଲିଯାଆନ୍ତି? କାହା ଭରସାରେ?" ରିନା ବୋଉ ଆଷ୍ଚର୍ଯ୍ୟ ହୋଇ ସବୁ ଶୁଣୁଥିଲା।

ରନ୍ଧାବଢାରେ ଆଉ କେତେ ବା ମନ ଲାଗିଥା'ନ୍ତା। ରିନା ବୋଉ ମନକୁ ଖାଲି ପାପ ଛୁଉଁଛି। ସେ ଏପାଖ ସେପାଖ ହେଉଛି। ରାତି ହେଲାଣି। ସହରର ଏହି ଛୋଟ ଗଳିଟିରେ ଲୋକମାନେ ଶୋଇଗଲେଣି। ବାବୁ ବାରଣ୍ଡାଘରେ ବସି କିଛି ଲେଖୁଛନ୍ତି। ରିନାବୋଉ ଖାଇବାପାଇଁ ବାଢିଦେଇ ଡାକପକାଇଲେ। ବାବୁ ଆସି ଥାଳିରୁ ଅଧା ବି ଖାଇଲେନି, ଚାଲିଗଲେ। ରିନାବୋଉ କିଛି ତୁଣ୍ଡରେ ଦେଇ ପାରିଲାନି। ଖଟପାରି ଶୋଇବାକୁ ଗଲେ ବୁଢା ବୁଢି। ବାବୁ ଶୋଇଗଲେ, କିନ୍ତୁ ରିନା ବୋଉକୁ ନିଦ କାହିଁ? ସେ ଯେତେ ଚେଷ୍ଟା କଲେ ବି ନିଦ ହେଲାନି। ରାତିର ଶେଷ ପ୍ରହର ହେବ ବୋଧହୁଏ, କେହି ଜଣେ ଜୋରରେ କବାଟ ବାଡେଇବା ଶୁଣି ଦୁଇଜଣ ଉଠିଲେ। ବାବୁ ଘଡି ଦେଖିକହିଲେ ସକାଳ ଚାରିଟା ହେଲାଣି। ଉଠିଯାଇ କବାଟ ଖୋଲିଲେ।

**ଅବଶିଷ୍ଟାଂଶ ଆଗାମୀ ସଂସ୍କରଣରେ ଅବସିଷ୍ଟାଂଶ**

# ପ୍ରଶ୍ନୋତ୍ତରୀ

## ବିଗତ ସଂଖ୍ୟାରେ ପ୍ରକାଶିତ ପ୍ରଶ୍ନୋତ୍ତରୀର ବିଭିନ୍ନ ପ୍ରଶ୍ନର ଉତ୍ତର:

୧ ଲିଙ୍ଗରାଜ ମନ୍ଦିରର ନିର୍ମାଣ କରାଇଥିଲେ, ଯଯାତିକେଶରୀ ଆରମ୍ଭ କରାଇଥିଲେ ଏବଂ ଏହାକୁ ସଂପୁର୍ଣ୍ଣ କରାଇଥିଲେ ଲଲାଟେନ୍ଦୁ କେଶରୀ

୨ ସୋମବଂଶର ପ୍ରତିଷ୍ଠାତାଃ ପ୍ରଥମ ଯଯାତିକେଶରୀ

୩ ଗୁପ୍ତବଂଶର କେଉଁ ରାଜା ଓଡିଶା ଜୟ କରିଥିଲେଃ ସମୁଦ୍ରଗୁପ୍ତ

୪ ଅଶୋକଙ୍କ ପୁତ୍ର ଓ କନ୍ୟାଙ୍କ ନାମ ଥିଲେଃ ମହେନ୍ଦ୍ର ଓ ସଙ୍ଘମିତ୍ରା

୫ ସମ୍ରାଟ ଖାରବେଳଙ୍କ ରାଜଧାନୀର ନାମ ଥିଲାଃ କଳିଙ୍ଗ ନଗର

୬ ଜାତିର ଉନ୍ନତି ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ
ଏହାର ଲେଖକଃ ମଧୁସୂଦନ

୭ ପ୍ରାଚୀନ ଚେଲିତାଳ ବନ୍ଦର ଓଡିଶାର କେଉଁ ସ୍ଥାନରେ ଥିଲା?ଃ କୋଣାର୍କଠାରେ

୮ ଓଡିଆ ଭାଷାରେ ପ୍ରକାଶିତ ଏକମାତ୍ର ଡିକ୍ସିନାରୀର ନାମ କଣ? ପୂର୍ଣ୍ଣଚନ୍ଦ୍ର ଭାଷାକୋଷ

୯ ଅଗଷ୍ଟ ବିପ୍ଳବ ସମୟ୍‌ରେ ଫାସୀ ପାଇଥିବା ଏକ ମାତ୍ର ଓଡିଆଙ୍କ ନାମ କଣ: ଲକ୍ଷ୍ମଣ ନାୟକ

୧୦ ଓଡିଶାର ପ୍ରଥମ ଜ୍ଞାନ ପୀଠ ପୁରସ୍କାର ବିଜେତାଙ୍କ ନାମ: ଗୋପୀନାଥ ମହାନ୍ତି

# ଏମାସର ପ୍ରଶ୍ନ:

୧ ଧର୍ମ ଏକା ସିନା ମହତ ପଣିଆ
ଆଉ ସବୁକଥା ଅଡେଇ ଦିନିଆଁ।
ଏହାର ରଚୟିତା କିଏ?

୨ ପୃଥିବୀର ବିଶାଳତମ ତ୍ରିକୋଣଭୂମିର ନାମ କଣ?

୩ ପରମ ମାହେଶ୍ୱର ଏବଂ ତ୍ରିକଳିଙ୍ଗାଧିପତି ପଦବୀରେ କାହାକୁ ଭୂଷିତ କରାଯାଇଥିଲା?

୪ ଅମୃତ କଙ୍କଣ ଉପନ୍ୟାସର ଲେଖକ କିଏ?

୫ ଜାତିର ଜନକ ବୋଲି ମହାତ୍ମା ଗାନ୍ଧୀଙ୍କୁ କିଏ ପ୍ରଥମେ ସମ୍ବୋଧନ କରିଥିଲେ?

୬ ରାମାନୁଜ କେଉଁ ଶାସକଙ୍କ ସମୟ୍‌ରେ ଓଡିଶା ଆସିଥିଲେ?

୭ କୋଣାର୍କ ମନ୍ଦିରରେ ଥିବା ଘୋଡା ସଂଖ୍ୟା କେତେ?

୮ ଲିଙ୍ଗରାଜ ମନ୍ଦିରର ଉଚ୍ଚତା କେତେ?

୯ ଓଡିଆ ଭାଷାକୁ ସରକାରୀ ଭାଷାରୁପେ କେବେ ଗ୍ରହଣ କରାଗଲା?

୧୦ ଓଡିଶାର ପ୍ରଥମ ସମ୍ବାଦପତ୍ରର ସଂପାଦକଙ୍କ ନାମ କଣ?

ଉପରୋକ୍ତ ସମସ୍ତ ପ୍ରଶ୍ନର ଉତ୍ତର ନିଜର ନାମ, ଠିକଣା ଏବଂ ଫୋଟୋ ସହିତ ଆମ ନିକଟକୁ ଲେଖି ପଠାନ୍ତୁ। ସଠିକ୍ ଉତ୍ତର ପ୍ରଦାନ କାରୀଙ୍କ ନାମ ଓ ଫୋଟୋ ଆଗାମୀ ସଂସ୍କରଣରେ ସ୍ଥାନ ପାଇବ। ଧନ୍ୟବାଦ।

**ଆହ୍ୱାନ୍**

ଏକ ବିଶେଷ ସୂଚନା: ଆମ ୱେବସାଇଟ୍ ର ଠିକଣା ଖୁବ୍ ଶୀଘ୍ର ବଦଳିଯିବାର ସମ୍ଭାବନା ରହିଛି। ତଥାପି ପୁରୁଣା ଠିକଣାରେ ଆପଣ ଚାହିଁଲେ ଆମ ୱେବ୍‌ସାଇଟ୍‌କୁ ଯାଇ ଦେଖିପାରିବେ। ତଥାପି ଆମେ ଆପଣଙ୍କୁ ଅନୁରୋଧ କରୁଛୁ, ଆପଣ କିଛି ଦିନ ବ୍ୟବଧାନରେ ଆମ ୱେବ୍ ସାଇଟ୍ ଦେଖିନିଅନ୍ତୁ। ଏବଂ ଅନ୍ୟ ଏକ ବିଶେଷ ଅନୁରୋଧ ହେଉଛି, ଯେହେତୁ ଏକା ସାଥିରେ ହଜାର ହଜାର ଓଡିଆ ବନ୍ଧୁଙ୍କ ନିକଟକୁ ଏହି ପତ୍ରିକା ପଠାଇବା ସଂଭବ ହେଉନି, ସେଥିପାଇଁ ଆମେ ଏହା ନିମନ୍ତେ ଏକ ଗ୍ରୁପ୍ ନିର୍ମାଣ କରିଛୁ, ଯାହାର ସଦସ୍ୟ ହୋଇଗଲେ ଆପଣ ମାନେ ଯେବେ ବି କିଛି ପରିବର୍ତ୍ତନ ହେବ କିମ୍ବା ନୁଆ ସଂସ୍କରଣ ଆସିବା ତାହା ସହଜରେ ପାଇପାରିବେ। ଏହି ଗ୍ରୁପ୍‌ର ସଦସ୍ୟ ହେବା ଅତି ସହଜ। ଆପଣ ମାନେ ଆମ ୱେବ୍‌ସାଇଟ୍‌ରେ ତଳେ ଦିଆଯାଇଥିବା କ୍ଷୁଦ୍ର ବିଜ୍ଞାପନ, ଯେଉଁଥିରେ ଆହ୍ୱାନ୍ ଗୁଗୁଲ୍ ଗ୍ରୁପ୍‌ରେ ସଦସ୍ୟ ହେବାପାଇଁ ନିବେଦନ କରାଯାଇଛି, ସେହିଠାରେ ଆପଣ ନିଜ ଇ-ମେଲ୍ ଆଡ୍ରେସ୍ ଦେଇ ସଦସ୍ୟ ହୋଇପାରିବେ। ଏଥିପାଇଁ ଆପଣ ମାନଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ହେବନାହିଁ।

## ଆମ ଠିକଣା:

ଡା ଜ୍ୟୋତି ପ୍ରସାଦ ପଟନାୟକ
ଆମ୍ବପୁଆ ମେଇନ୍ ରୋଡ୍
ବ୍ରହ୍ମପୁର-୭୬୦୦୧୦, ଓଡିଶା,
ଫୋନ: ୯୨୩୮୬୮୫୬୯୮
ଇ-ମେଲ୍: dr.odia@gmail.com

## ବିଶେଷ ସୂଚନା

ଆମର ଏହି ପ୍ରୟାସକୁ ଆପଣ ମାନଙ୍କ ପାଖରେ ପହଞ୍ଚାଇବାପାଇଁ ଆମେ ଆହ୍ୱାନ କରୁଛୁ ଆପଣଙ୍କ ସହଯୋଗ। ଆମେ ନୁଆ ୱେବ୍ ସାଇଟ୍ ଖୁବ ଶୀଘ୍ର ଆଣିବୁ ସତ ହେଲେ ବର୍ତ୍ତମାନ ଆପଣ ମାନଙ୍କୁ ଅନୁରୋଧ କରୁଛି ଆପଣ ମାନେ ଆମର ନୁଆ ଗ୍ରୁପ୍‌ରେ ସାମିଲ୍ ହୁଅନ୍ତୁ। ନିଜ କଂପ୍ୟୁଟର୍‌ରେ ଇଣ୍ଟର୍‌ନେଟ୍ ସଂଯୋଗ କରିବା ପରେ ଆମ ଗ୍ରୁପ୍‌ର ୱେବ୍ ଆଡ୍ରେସ୍ ଦିଅନ୍ତୁ, ଏବଂ ଆଜି ହିଁ ଏଥିରେ ସଦସ୍ୟ ହୁଅନ୍ତୁ। ଏହାଦ୍ୱାରା ଆମେ ଜାଣି ପାରିବୁ, ଆହ୍ୱାନ କେତେଜଣଙ୍କ ପାଖରେ ପହଞ୍ଚୁଛି। ଆଉ ଆପଣ ମାନେ ମଧ୍ୟ ସମୟ୍ ସମୟ୍‌ରେ ହେଉଥିବା ଘୋଷଣା ଓ ବିଜ୍ଞାପନ ସବୁ ସହଜରେ ପାଇପାରିବେ। ଏବଂ ଏହାଦ୍ୱାରା ଅଯଥା ଇ-ମେଲ୍ ସବୁ ଆପଣଙ୍କ ମେଲବକ୍ସରେ ପହଞ୍ଚିବନାହିଁ। ଏହି ଗ୍ରୁପ୍ ସଂପ୍ରତି କେବଳ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ପ୍ରକାରର ବିଜ୍ଞାପନ ଯଥା ଆହ୍ୱାନର ଆଗାମୀ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରିବା, ଏହି ଇ-ପତ୍ରିକାର ଉନ୍ନତି ପାଇଁ ଆପଣଙ୍କ ସୂଚିନ୍ତିତ ମତାମତ ନେବା ଇତ୍ୟାଦି ପାଇଁ ବ୍ୟବହାର କରାଯିବ। ଏଥିରେ କେହି ସଦସ୍ୟ କୋଣସି ପ୍ରକାରର ଅଯଥା ସମ୍ବାଦ କିମ୍ବା ବିଜ୍ଞାପନ ଦେଇପାରିବେ ନାହିଁ। ସେଇଥିପାଇଁ ଆପଣ ନିର୍ଭୟ୍‌ରେ ନିଜ ନିଜ ଇ-ମେଲ ଆଇ ଡି ଦେଇ ସଦସ୍ୟ ହୋଇପାରନ୍ତି। ଯଦି ଭବିଷ୍ୟତରେ ସମ୍ଭବ ହୁଏ ତେବେ ପ୍ରତ୍ୟେକ ସଦସ୍ୟଙ୍କୁ ଗୁଗ୍‌ଲ୍ ମେଲ୍‌ର ଇ-ମେଲ୍ ସଦସ୍ୟତା ମାଗଣାରେ ଉପହାର ସ୍ୱରୂପ ଦିଆଯାଇପାରେ।

## ବିଶେଷ ସୂଚନା

ଆମ ଏହି ପତ୍ରିକାରେ ପ୍ରକାଶ ପାଉଥିବା ଅନେକ ଗଳ୍ପ ଓ କାହାଣୀ ଆପଣମାନଙ୍କୁ ନିଶ୍ଚୟ୍ ଭାବରେ ଭଲ ଲାଗିଥିବ। ଯଦି ଆପଣଙ୍କୁ କୋଣସି କୃତି ଭଲ ଲାଗେ ତା'ହେଲେ ସଂପୃକ୍ତ କୃତିର କର୍ତାଙ୍କୁ ନିଜ ତରଫରୁ ଧନ୍ୟବାଦ ବାର୍ତ୍ତା ଏବଂ ଅଭିନନ୍ଦନ ପଠାନ୍ତୁ। ଯଦି ଆପଣ ଚାହୁଁଛନ୍ତି, ତେବେ ଆମେ ଆପଣଙ୍କ ପତ୍ର ସେହି ଲେଖକ କିମ୍ବା ଲେଖିକାଙ୍କ ପାଖକୁ ପଠାଇଦେବୁ। ଆପଣ ନିଜର ସୁଚିନ୍ତିତ ମତାମତ ଆମକୁ ଇ-ମେଲ ମାଧ୍ୟମରେ କିମ୍ବା ପତ୍ରଦ୍ୱାରା ପ୍ରେରଣ କରିପାରିବେ।

Our Group Address:
http://groups.google.com/group/aahwaan
Our Website:
http://www.freewebs.com/aahwaan
Earn while you learn:
http://www.freewebs.com/ebizel
Free computer education:
http://www.freewebs.com/bamcom